# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା; ଦୁଇଭାଇ ଗିରଫ

**ବ୍ରହ୍ମପୁର, ୩୦।୬(ସମିସ):** ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ସ୍ଥିତ ବାଲ୍ୟ ଠାକୁରାଣୀ ମନ୍ଦିର ନିକଟରେ ଜଣେ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦୁଇ ଭାଇ ହେଲେ ସଦର ଥାନା ଅନ୍ତର୍ଗତ ଗୁଣ୍ଡବନ୍ଧ ଗ୍ରାମର ସଞ୍ଜୟ ଜେନା (୨୭)ଓ ତାଙ୍କ ସାନ ଭାଇ ସତ୍ୟବାନ ଜେନା(୨୪)। ସୂଚନାଯୋଗ୍ୟ ଯେ, ଗତ ୨୮ ତାରିଖ ରାତିରେ ଗୁଣ୍ଡବନ୍ଧର ଗୁଞ୍ଜନ ଜେନା କୌଣସି କାମରେ ବାହାରକୁ ଯାଇ କାମ ସାରି ଘରକୁ ଫେରୁଥିବା ଉପରୋକ୍ତ ଦୁଇ ଅଭିଯୁକ୍ତ ଭାଇ କାଡିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁଞ୍ଜନଙ୍କ ଆଖିରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବିଶାଖାପାଟଣାର ଏକ ଘରେଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ବର୍ତ୍ତମାନ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ଘଟଣାକୁ ନେଇ ଗୁଞ୍ଜନଙ୍କ ବାପା ନାରାୟଣ ଜେନା ବଡ଼ ବଜାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଡକାୟତି ଯୋଜନାରେ ଆଉ ଜଣେ ଗିରଫ

**ବ୍ରହ୍ମପୁର, ୩୦।୬(ସମିସ):** ଡକାୟତି ଯୋଜନା ପଣ୍ଡ ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜ୍ୟୋତି ନଗର ପ୍ରଥମ ଲାଇନ ନିବାସୀ ପି .ଶ୍ରୀକାନ୍ତ ଦୋରା। ଅଭିଯୁକ୍ତ ଶ୍ରୀକାନ୍ତଙ୍କ ନିକଟରୁ ପୁଲିସ ଗୋଟିଏ ସ୍କୁଟି, ମୋବାଇଲ ଓ ଲାପଟପ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଏମକେସିଜି ମେଡିକାଲ ପଡ଼ିଆରେ ମୋଗଲୀ ଓରଫ୍ ସନ୍ଦୀପ୍ କୁମାର ସାହୁଙ୍କ ନେତୃତ୍ୱରେ ୭ରୁ ୮ଜଣ ଯୁବକ ଏକତ୍ରିତ ହୋଇ ସହରର ଜଣେ ବ୍ୟବସାୟୀଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିବା ୪ଜଣ ଯୁବକଙ୍କୁ ଗତ ୨୮ ତାରିଖରେ ଗିରଫ କରିକୋର୍ଟଚାଲାଣ କରିଥିଲା। ଗିରଫ ଯୁବକମାନେ ହେଲେ ବିଜିପୁର ରଥ ସାହିର ଉମେଶଚନ୍ଦ୍ର ରଥ, ନିମଖଣ୍ଡି ଥାନା ଅଞ୍ଚଳର ସଙ୍ଗମ ପାଣିଗ୍ରାହୀ, ଶୁଭମ ପାଣିଗ୍ରାହୀ ଓ ବିଜିପୁର ବଡ ସାହିର ରାଜ ମଲହୋତ୍ରା। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ ଦେଶୀ ମାଉଜର, ୫ଟି ଜୀବନ୍ତ ବୋମା, ୪ଟି ଖଣ୍ଡା, ୨ଟି କାତି, ୨ଟି ଲୁହା ଛଡ, ଲୁହା ପଞ୍ଚ, ୩ଟି ମୋବାଇଲ, ମଦ ବୋତଲ ଆଦି ଜବତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଏକାଧିକ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

ଅସରାଏ ବର୍ଷାରେ ବ୍ରହ୍ମପୁର ବେହାଲ

# ରାସ୍ତାରେ ଲହଡ଼ି ଭାଙ୍ଗୁଛି ନର୍ଦ୍ଦମା ଜଳ

**ବ୍ରହ୍ମପୁର, ୩୦।୬(ସମିସ)**

## ନିର୍ବାଚନ ପାଇଁ ସ୍ଥଗିତ ବିଏମ୍‌ସି ପରିଷଦ ବୈଠକ କେବେ?

## ନିଗମର ଅବହେଳାକୁ ନେଇ ଜନଅସନ୍ତୋଷ ବୃଦ୍ଧି

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିୟମ ପ୍ରକାରେ ଲୋକଙ୍କ ସୁବିଧା ଓ ସମସ୍ୟାର ସମାଧାନ ପାଇଁ ପ୍ରତି ମାସରେ ଥରେ ଅଥବା ଅନ୍ତତଃ ୩ମାସରେ ଥରେ ଯେକୌଣସି ପୌରସଂସ୍ଥାର ସାଧାରଣ ପରିଷଦ ବୈଠକ ବସିବା ଉଚିତ। ତେବେ ଖୋଦ୍ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲଂଘନ କରି ମାସ ମାସ ଧରି ବୈଠକ ଆହୂତ ହେଉନଥିବା ଅଭିଯୋଗ ହୋଇଛି। ଯାହାଫଳରେ ଲୋକଙ୍କ ସମସ୍ୟା ଉପସ୍ଥାପନ କରିବା ସହିତ ତାହାର ସମାଧାନ କ୍ଷେତ୍ରରେ ଖୋଦ୍ ସମ୍ପୃକ୍ତ ଅଞ୍ଚଳର ନିର୍ବାଚିତ ଲୋକପ୍ରତିନିଧି ବିଫଳ ହେଉଛନ୍ତି। ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବ୍ରହ୍ମପୁର ମହାନଗର ନିଗମରେ। ନିର୍ବାଚନ ପୂର୍ବରୁ ଯଦିଓ ଶେଷ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା ହେଲେ ନିର୍ବାଚନ ସରିବାର ଦିର୍ଘ ପ୍ରାୟ ଏକ ମାସ ବିତିବାକୁ ବସିଥିଲେ ହେଁ ଏପର୍ଯ୍ୟନ୍ତ ବୈଠକ ଆହୂତ ହୋଇନାହିଁ। ଫଳରେ ବିଏମସିର ବାର୍ଷିକ ବଜେଟ ସହିତ ବର୍ଷା ଦିନ ପୂର୍ବରୁ ଆଗୁଆ ପ୍ରସ୍ତୁତି ନେଇ ମଧ କୌଣସି ଆଲୋଚନା ହୋଇପାରି ନାହିଁ। ଇତି ମଧ୍ୟରେ ନିଗମର ପରିଷଦ ବୈଠକ ଚଳିତ ମାସ ୨୮ ତାରିଖରେ ଆୟୋଜନ ନେଇ ନିଷ୍ପତ୍ତି କରାଯାଇ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ବୈଠକ କରାଯାଇଛି। ହେଲେ ନିଗମର ପରିଷଦ ବୈଠକ କେବେ ହେବ ସେନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇପାରି ନାହିଁ। ଯାହା ଫଳରେ ଉଭୟ ପରିମଳ ଜନିତ ସମସ୍ୟାକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ କୌଣସି ନିଷ୍ପତ୍ତି ନିଆଯାଇ ପାରୁନାହିଁ। ଏପରିକି ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତ କରିବାରେ ମଧ ବିଳମ୍ବ ଘଟୁଛି। ଯାହାକୁ ନେଇ ନିଗମର କର୍ପୋରେଟର ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଇତି ମଧ୍ୟରେ ଶେଷ ହୋଇଛି ସାଧାରଣ ନିର୍ବାଚନ। ନିର୍ବାଚନରେ ନିର୍ବାଚିତ ହୋଇଛନ୍ତି ବ୍ରହ୍ମପୁର ମହାନଗର ନିଗମରେ ଥିବା ଉଭୟ ଗୋପାଳପୁର ଓ ବ୍ରହ୍ମପୁର ବିଧାନସଭା ସମେତ ବ୍ରହ୍ମପୁର ଲୋକସଭା କ୍ଷେତ୍ରର ନୂତନ ଜନ ପ୍ରତିନିଧି। ସେମାନଙ୍କୁ ମଧ ନିଗମ ପକ୍ଷରୁ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବାର ବ୍ୟବଧାନ ରହିଛି। ଏଭଳି ପରିସ୍ଥିତିରେ ନିଗମ କର୍ତ୍ତୃପକ୍ଷ ଓ ନବନିର୍ବାଚିତ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷାରେ ଅଭାବ କାରଣରୁ ବୋଧ ହୁଏ ବ୍ରହ୍ମପୁର ମହାନଗର ନିଗମର ପରିଷଦ ବୈଠକ ଅନୁଷ୍ଠିତ ହେବାରେ ବିଳମ୍ବ ଘଟିବାରେ ଲାଗିଛି। ଖାସ୍ କରି ବର୍ଷା ଦିନ ପୂର୍ବରୁ ସହରର



ପରିମଳ ଓ ଜଳବନ୍ଦୀ ଜନିତ ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ ଏକ ଜରୁରୀ ବୈଠକ ବସିବାର ଥିବା ବେଳେ ତାହା ମଧ ଏପର୍ଯ୍ୟନ୍ତ ସମ୍ଭବପର ହୋଇନାହିଁ। ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଖୋଦ୍ ପୂର୍ବତନ କର୍ପୋରେଟର ତଥା ବିଜେପି ନେତା ଅଶୋକ କୁମାର ଶୁକ୍ଳା। ସେପଟେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବ୍ରହ୍ମପୁର ମେୟର ଶ୍ରୀମତି ସଙ୍ଗମିତ୍ରା ଦଳେଇ। ବର୍ତ୍ତମାନ ପରିସ୍ଥିତିରେ ସ୍ୱତନ୍ତ୍ର ବୈଠକର ଜରୁରୀ ରହିଛି। ଯାହାକୁ ଦୃଷ୍ଟିରେ ରଖି ସମସ୍ତ ଷ୍ଟାଣ୍ଡିଂ କମିଟି ବୈଠକ ମଧ କରାଯାଇଛି। ତେବେ ଯେହେତୁ ନବ ନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବାର ଏକ ପରମ୍ପରା ରହିଛି ତାହାକୁ ଦୃଷ୍ଟିରେ ରଖି ବୈଠକ ଆହୁତ କରିବାରେ ବିଳମ୍ବ ହୋଇଛି। ତେବେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ନବ ନିର୍ବାଚିତ ସାଂସଦ ଓ ବିଧାୟକଙ୍କୁ ଏନେଇ ଅବଗତ କରି ସେମାନଙ୍କ ଜରୁରୀ ଉପସ୍ଥିତି କାମ୍ୟ କରି ଖୁବ୍‌ଶୀଘ୍ର ନିଗମ ପରିଷଦ ବୈଠକ ଡକାଯିବ ବୋଲି କହିଛନ୍ତି ବ୍ରହ୍ମପୁର ମେୟର ଶ୍ରୀମତି ସଂଘମିତ୍ରା ଦଳେଇ।

# ଜଗନ୍ନାଥଙ୍କ ରଥରେ ସାରଥି ସାଜନ୍ତି ଶ୍ରୀକୃଷ୍ଣ







**ବ୍ରହ୍ମପୁର, ୩୦।୬(ସମିସ)**

## 'ପଇସା ଥିଲେ ପୁରୀ ନଚେତ ଜରଡ଼ା'

ଜଗନ୍ନାଥ କହିଲେ ଓଡ଼ିଶାକୁ ବୁଝାଏ। ମହାପ୍ରଭୂଙ୍କ ଏହି ନାମ ଓଡ଼ିଆ ଜାତିର ପରିଚୟ ବୋଲି କୁହାଯାଏ। ଓଡ଼ିଶାର ପରିଚୟ ହେଉଛନ୍ତି ଶ୍ରୀ ଜଗନ୍ନାଥ। ତିନି ଠାକୁରଙ୍କ ପାଇଁ ଓଡ଼ିଆମାନେ ଗର୍ବିତ। ବର୍ତ୍ତମାନ ସାରା ବିଶ୍ୱରେ ମଧ ଜଗନ୍ନାଥ ଆରାଧ୍ୟ ଦେବତା ଭାବେ ପୂଜା ପାଉଛନ୍ତି। ପ୍ରତି ସ୍ଥାନରେ ଜଗନ୍ନାଥଙ୍କ ବାର୍ଷିକ ରଥଯାତ୍ରାର ପରମ୍ପରା ଅଲଗା ରହିଛି। ଚର୍ତ୍ତୁର୍ଦ୍ଧାମୂର୍ତ୍ତି ଓଡ଼ିଆଙ୍କ ଭାବାବେଗ ସହିତ ମଧ ଜଡ଼ିତ। ଏଣୁ ପ୍ରତିଟି ସ୍ଥାନରେ ଜଗନ୍ନାଥ ଓଡ଼ିଆଙ୍କ ମୂଳ ଦେବତା ଭାବେ ପୂଜା ପାଆନ୍ତି। ହେଲେ ଗଞ୍ଜାମ ଜିଲ୍ଲାରେ ଏଭଳି ଏକ ଜଗନ୍ନାଥ ମନ୍ଦିର ରହିଛି ଯେଉଁଠି ଜଗନ୍ନାଥ ମୁଖ୍ୟ ନୁହଁନ୍ତି...

ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ଜରଡ଼ାଗଡ଼ ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି। ଏହା ନିଆରା ରଥଯାତ୍ରା। କାହିଁ କେଉଁ ରଜାରାଜୁଡ଼ା ଅମଳରୁ ଏଠାରେ ଯାତ୍ରା ହୋଇଆସୁଛି। ଏଠାରେ ନିଜ ରଥରେ ନିଜେ ସ୍ୱୟଂ ଶ୍ରୀକୃଷ୍ଣ ସାରଥି ହୋଇଥାନ୍ତି। ଜରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପାର୍ଥସାରଥି ମନ୍ଦିର ଭାବେ ପରିଚିତ। ଏଠାରେ ଜଗନ୍ନାଥଙ୍କ ସହ ପାର୍ଥସାରଥି ପୂଜା ପାଇଥାନ୍ତି। ପାର୍ଥସାରଥି କେଉଁ ଧାତୁରେ ଗଢା ସେ ବିଷୟରେ ଏଯାବତ୍ କେହି ଜାଣନ୍ତି ନାହିଁ। ଓଡ଼ିଶାର ପୁରପଲ୍ଲୀରେ ହେଉଥିବା ରଥଯାତ୍ରା ଗୁଡ଼ିକରେ ଜଗନ୍ନାଥ ନିଜେ ଏକ ରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। କିନ୍ତୁ ଜରଡ଼ାରେ ପ୍ରଭୁ ଦୁଇଟି ରୂପରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। କହିବାର ତାତ୍ପର୍ଯ୍ୟ ଏହା ଯେ, ଏଠାରେ ଜଗନ୍ନାଥଙ୍କ ସାରଥି ଭାବେ ସ୍ୱୟଂ ଶ୍ରୀକୃଷ୍ଣ ରଥାରୂଢ ହୋଇଥାନ୍ତି। ଇତିହାସର ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏଠାକାର ପ୍ରଥମ ରାଜା ବୀରଭଦ୍ର ସିଂହ ସାମନ୍ତରାୟଙ୍କ ପିତା ମଣିସିଂହ କେନ୍ଦ୍ରପଡ଼ା ଆଳିର ରାଜା ଥିଲେ। ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ସହିତ ତାଙ୍କର ମତାନ୍ତର ହୋଇଥିଲା। ପରେ ସେ ତାଙ୍କ ସହ ଯୁଦ୍ଧରେ ହାରଯିବା ଫଳରେ ମହେନ୍ଦ୍ରତନୟା ପର୍ବତରେ ଆତ୍ମଗୋପନ କରିଥିଲେ। ସେଠାରେ ସେ ରହିବା ଅବସରରେ ଗୋକର୍ଣ୍ଣେଶ୍ୱର ମହାଦେବଙ୍କୁ ତପସ୍ୟା କରିଥିଲେ। ମହାଦେବ ପ୍ରକଟ ହୋଇ ପାର୍ଥସାରଥି ଗୋସାଇଁଙ୍କୁ ପୂଜା କରିବାକୁ ତାଙ୍କୁ କହିଥିଲେ। ଇଶ୍ୱରଙ୍କ ଆଜ୍ଞାରେ ସେ ପାର୍ଥସାରଥିଙ୍କୁ ତପସ୍ୟା କରି ପ୍ରସନ୍ନ କରାଇଥିଲେ। ତୁମ୍ଭ ପୁତ୍ର ବୀରଭଦ୍ର ସିଂହ ସାମନ୍ତରାୟ ଏହି ଇଲାକାରେ ରାଜୁତି କରିବେ ବୋଲି ପ୍ରଭୂ ପାର୍ଥସାରଥି ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ମଣିସିଂହଙ୍କ ପୁତ୍ର ବୀରଭ୍ର ସିଂହ ସାମନ୍ତରାୟ ରାଜଗାଦିରେ ବସିଥିଲେ। ପାର୍ଥସାରଥିଙ୍କୁ ଧ୍ୟାନ ମଧ କରୁଥିଲେ। ଏହିଭଳି ରାଜବଂଶର ପୂଜାର୍ଚ୍ଚନା ଚାଲି ଆସୁଥିବା ବେଳେ ୧୭୫୯ ଶତାବ୍ଦୀରେ ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସାମନ୍ତରାୟ ସ୍ୱପ୍ନାଦେଶ ପାଇଥିଲେ। 'ମୋ ରଥରେ ମୁଁ ସାରଥି ରହିବି' ବୋଲି ପ୍ରଭୂ କହିଥିଲେ। ତେଣୁ ରାଜା ଜରଡ଼ାଠାରେ ଜଗନ୍ନାଥଙ୍କ ସହ ପାର୍ଥ ସାରଥି ମନ୍ଦିର ନିର୍ମାଣ କରିଥିଲେ। ରାଜପ୍ରାସାଦର ବାମ ପାର୍ଶ୍ୱରେ ଏହି ମନ୍ଦିର ରହିଥିବା ବେଳେ ଏହାର ଉଚ୍ଚତା ପ୍ରାୟ ୩୦ ଫୁଟ ଓ ଦୈର୍ଘ୍ୟ ୫୦ ଫୁଟ ହେବ। ସେହିଭଳି ଜଗନ୍ନାଥଙ୍କ ଡ଼ାହାଣ ପାର୍ଶ୍ୱରେ ରଥ ଆକୃତିର ବିମାନରେ ସାରଥି ଗୋସାଇଁ ଅବସ୍ଥାପିତ ହୋଇଛନ୍ତି। ଅର୍ଜୁନଙ୍କ ରଥରେ ସାରଥି ରୂପ ଓ ଠାଣିରେ ସେ ବିଦ୍ୟମାନ। ହାତରେ ଶଙ୍ଖ ଓ ଚକ୍ର ଧାରଣ କରିଛନ୍ତି। କମନୀୟ ଓ ମନଲୋଭା ରୂପକାନ୍ତିରେ ଏହି ଠାକୁର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଆସୁଛନ୍ତି। ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କୁ ଦର୍ଶନ କଲେ ଯେତିକି ପୂଣ୍ୟ ମିଳିଥାଏ ପାର୍ଥସାରଥିଙ୍କୁ ଦର୍ଶନ କଲେ ମଧ ସେତିକି ଆଶିଷ ମିଳିଥାଏ ବୋଲି କିମ୍ବଦନ୍ତୀ ରହିଛି। ସେଇଥିପାଇଁ ଉକ୍ତ ଇଲାକାରେ ତେଲୁଗୁ ଭାଷାରେ 'ଅଣ୍ଟିଲୋ ପାଇସାଲୁ ଉଣ୍ଟେ ପୁରୀ, ଲେକ୍‌ପୋତେ ଜରଡ଼ା' ବୋଲି ଲୋକକଥା ରହିଛି। ଏହାର ଅର୍ଥ ହେଲା ପକେଟ୍‌ରେ ପଇସା ଥିଲେ ପୁରୀ ଯିବା ନହେଲେ ଜରଡ଼ା ଯାଇ ପାର୍ଥସାରଥିଙ୍କ ଯାତ୍ରା ଦେଖିବା। ଜରଡ଼ା ପାର୍ଥସାରଥି ମନ୍ଦିର ସହିତ ପୁରୀ ଜଗନ୍ନାଥ ମନ୍ଦିର ମଧ୍ୟରେ ସମ୍ପର୍କ ଥିବା ସ୍ଥାନୀୟ ବାସିନ୍ଦା କୁହନ୍ତି। ଯାତ୍ରା ସମୟରେ ଏଠାରେ ଓଡ଼ିଶା ଓ ଆନ୍ଧ୍ରର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପିଲାମାନଙ୍କ ପାଟି ନଖୋଲିଲେ ବା କଥା କହିପାରୁ ନ ଥିଲେ ଏଠାରେ ଚଣା ବିଛାଇ ପାବଚ୍ଛରେ ପିଲାଙ୍କୁ ଗଡ଼ାଇଥାନ୍ତି। ଯଦ୍ୱାରା ପିଲାଙ୍କ ପାଟି ଖୋଲିଥାଏ ବୋଲି ବିଶ୍ୱାସ ରହିଛି। କରୋନା ଯୋଗୁଁ ଗତବର୍ଷ ଦୁଇବର୍ଷ ଯାତ୍ରା ବନ୍ଦ ରହିଥିଲା। ହେଲେ ଗତବର୍ଷ ଯଥାବିଧି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଗଞ୍ଜାମର ଏକ ସ୍ୱତନ୍ତ୍ର ଯାତ୍ରା ହୋଇଥିବା ବେଳେ ଉଭୟ ଓଡ଼ିଶା ଓ ଆନ୍ଧ୍ରର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପୁରୀ ରଥଯାତ୍ରାର ନୀତିକାନ୍ତି ପ୍ରକାରେ ଏଠାରେ ମଧ ରଥଯାତ୍ରା ପାଳିତ ହେଉଥିବା ଜଣାଯାଇଛି।

# ବାସ୍କେଟ୍‌ବଲ୍ କୋଚ୍ କାଜଲ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର, ୩୦।୬(ସମିସ):** ବରିଷ୍ଠ ବାସ୍କେଟବଲ ପ୍ରଶିକ୍ଷକ କାଜଲ ସାହୁ ରବିବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ୧୯୯୨ମସିହାରେ ରାଜ୍ୟ ଯୁବ ଓ କ୍ରୀଡା ବିଭାଗରେ ବାସ୍କେଟବଲ କୋଚ ଭାବେ ନିଯୁକ୍ତି ପାଇ ଶ୍ରୀ ସାହୁ ଦିର୍ଘ ବର୍ଷ ଧରି ବ୍ରହ୍ମପୁର ଷ୍ଟାଡିୟମରେ ପିଲାଙ୍କୁ ପ୍ରଶିକ୍ଷଣ ଦେଇ ଆସୁଥିଲେ। ସେ ନିଜେ ଜଣେ ଭଲ ଖେଳାଳି ଭାବେ ରାଜ୍ୟସ୍ତରରେ ନିଜର ଦକ୍ଷତା ପ୍ରତିପାଦିତ କରିବା ପରେ ତାଙ୍କର ଦିର୍ଘବର୍ଷର ଚାକିରୀ କାଳରେ ଶହ ଶହ ସଂଖ୍ୟାରେ ବାସ୍କେଟବଲ ଖେଳାଳୀଙ୍କୁ ସେ ପ୍ରଶିକ୍ଷଣ ଦେଇଛନ୍ତି। ସେ ଏକାଧାରରେ ଜଣେ ଉଚ୍ଚକୋଟିର ଖେଳାଳୀ ଓ ପ୍ରଶିକ୍ଷକ। ତାଙ୍କର ନିରବଚ୍ଛିନ୍ନ ସେବା ଓ ଉଦ୍ୟମ ସହିତ ନିରପେକ୍ଷତା ଯୋଗୁଁ ଗଞ୍ଜାମ ଜିଲ୍ଲାରୁ ବହୁ ସଂଖ୍ୟାରେ ବାସ୍କେଟବଲ ଖେଳାଳୀ ଜାତୀୟସ୍ତରକୁ ଉନ୍ନିତ ହୋଇପାରିଛନ୍ତି। ରବିବାର ତାଙ୍କର ଚାକିରି କାଳର ଶେଷ ଦିନ ଅବସରରେ ଶ୍ରୀ କାଜଲ ସାହୁଙ୍କୁ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସ୍ପୋର୍ଟସ୍ ଏରିନାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ପୂର୍ବତନ ବାସ୍କେଟବଲ ଖେଳାଳୀ ତଥା ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ଅବସରକାଳୀନ ସମୟ ନିରାମୟ ହେଉ ଏବଂ ସେ ତାଙ୍କର ପ୍ରଶିକ୍ଷଣ ପିଲାଙ୍କ ପାଇଁ ଜାରି ରଖନ୍ତୁ ବୋଲି କାମନା କରିଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଶ୍ରୀ ସାହୁଙ୍କ ଉପଢୌକନ, ଉତ୍ତରୀୟ ଓ ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦର କର୍ମକର୍ତ୍ତା ତଥା ବରିଷ୍ଠ ବାସ୍କେଟବଲ କୋଚ ଶରତ କୁମାର ମହାପାତ୍ର, ଜି.କେ.



ପ୍ରସାଦ, ସଞ୍ଜୟ ହୋତା, ପୂର୍ଣ୍ଣ ପାତ୍ର, ପ୍ରଶାନ୍ତ ରାଉତ, ଆନ୍ତର୍ଜାତୀୟ ବକ୍ସିଂ ରେଫେରୀ ଶିଶିର କୁମାର ପାଣିଗ୍ରାହୀ, ଶ୍ରୀମନ ନାୟକ, ବିନାୟକ ହୋତା, ପ୍ରଭାକର ଲାକ୍ରା, ଦୀପକ ରଥ ଓ ଦୀପକ ପାତ୍ର ପ୍ରମୁଖଙ୍କ ସମେତ ବହୁ ବାସ୍କେଟବଲ ଖେଳାଳୀ ଉପସ୍ଥିତ ଥିଲେ। ରାଜ୍ୟରେ ଭୁବନେଶ୍ୱର ଓ ବ୍ରହ୍ମପୁରରେ ଦଉଇଟି ସ୍ଥାନରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ବାସ୍କେଟବଲ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ନିକଟରେ ଭୁବନେଶ୍ୱରରୁ ଏହାକୁ ବନ୍ଦ କରିଦିଆଯାଇ ବ୍ରହ୍ମପୁରରେ ସାମିଲ କରାଯାଇଛି। ଫଳରେ ରାଜ୍ୟରେ କେବଳ ବ୍ରହ୍ମପୁର ଷ୍ଟାଡିୟମରେ ବାସ୍କେଟବଲ ପ୍ରଶିକ୍ଷଣ ସରକାରୀ ପ୍ରଶିକ୍ଷକଙ୍କ ଦ୍ୱାରା ଦିଆଯାଉଛି। ରାଜ୍ୟରେ ବ୍ରହ୍ମପୁରରୁ ପ୍ରତିବର୍ଷ ବହୁ ବାସ୍କେଟବଲ ଖେଳାଳୀ ବାହାରୁଥିବାରୁ ଏହି ବ୍ୟବସ୍ଥା କରାଯାଇଥିବା ବେଳେ ବର୍ତ୍ତମାନ କୋଚ ଶ୍ରୀ କାଜଲ ସାହୁଙ୍କ ଅବସର ଗ୍ରହଣ ପରେ ଏହି ସ୍ଥାନ ଶୂନ୍ୟ ରହିବ। ଏଣୁ ବାସ୍କେଟବଲ କୋଚ ଶ୍ରୀ କାଜଲ ସାହୁଙ୍କ ମିଆଦ ବୃଦ୍ଧି କରି ଏଠାରେ ବାସ୍କେଟବଲ ପ୍ରଶିକ୍ଷଣକୁ ଚାଲୁ ରଖିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

ରେଶମ ସହରରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା

# ପାଇପ୍‌ରୁ ବାହାରୁଛି ଗୋଳିଆ ପାଣି; ଜଣ୍ଡିସ୍ ଆଶଙ୍କା

**ବ୍ରହ୍ମପୁର, ୩୦।୬(ସମିସ)**



ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରେ ପାଇପ ଯୋଗେ ଘରକୁ ଆସୁଛି ଗୋଳିଆ ପାଣି। ବର୍ଷା ଦିନ ସମୟରେ ଜଳଜନିତ ଜଣ୍ଡିସ ବା କାମଳରୋଗର ଆଶଙ୍କା ଥିବାବେଳେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସହରକୁ ଉଭୟ ଦକ୍ଷିଣପୁର ଓ ଜାନିବିଲି ଜଳଯୋଗାଣ ପ୍ରକଳ୍ପରୁ ଜଳଯୋଗାଣ ହେଉଥିବା ବେଳେ ଦକ୍ଷିଣପୁର ଜଳଯୋଗାଣ ପ୍ରକଳ୍ପରୁ ସହରର ବିଭିନ୍ନ ଅଞ୍ଚଳକୁ ଆସୁଥିବା ଜଳଯୋଗାଣରେ ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ିଛି।

## ସମସ୍ୟାର ସମାଧାନ କରାଯାଇଛି : ନିର୍ବାହୀ ଯନ୍ତ୍ରୀ

ବ୍ରହ୍ମପୁର ମହାନଗର ନିଗମର ଫାଷ୍ଟଗେଟ ଠାରୁ ଆରମ୍ଭ କରି ପ୍ରାୟ ୧୫ଟି ୱାର୍ଡର ଲୋକେ ଏହା ଦ୍ୱାରା ପ୍ରଭାବିତ ହୋଇଥିଲେ। ଗୋଟିଏ ପଟେ ବର୍ଷା ଜନିତ ସମସ୍ୟା ଯୋଗୁଁ ପରିମଳ ବ୍ୟବସ୍ଥା ଓ ତା ସାଙ୍ଗକୁ ଅପରପକ୍ଷେ ଦୂଷିତ ପାନୀୟ ଜଳଯୋଗାଣ ଜନିତ ସମସ୍ୟାକୁ ନେଇ ସହରବାସୀ ଅତିଷ୍ଠ ଓ ଆତଙ୍କିତ ମଧ। ଏପରିକି ଲୋକଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ନଦେବାରୁ ଅନେକ ଲୋକ ବାହାରୁ ପାଣି କ୍ରୟ କରି ବିକଳ୍ପ ବ୍ୟବସ୍ଥା କରିଥିଲେ। ଘରକୁ ସଂଯୋଗ ହୋଇଥିବା ପାଇପ ଯୋଗେ ଏପରିକି ଷ୍ଟାଣ୍ଡ ପୋଷ୍ଟ ଜରିଆରେ ମଧ ଗତ ଦୁ ଇ ଦିନ ଧରି ସହରର ବିଭିନ୍ନ ଅଞ୍ଚଳକୁ ଗୋଳିଆ ତଥା ଦୂଷିତ ଜଳଯୋଗାଣ ହୋଇଥିଲା। ବର୍ଷା ଦିନରେ ସାଧାରଣତଃ ଏଭଳି ସ୍ଥିତି ଅନେକାଂଶରେ ଅନୁମେୟ ହେଉଥିଲେ ହେଁ ଉକ୍ତ ପାଣିର ବିଶୋଧନକୁ ନେଇ ଚିନ୍ତାରେ ସହୟରବାସୀ। ସହରରେ ଦୂଷିତ ଜଳଯୋଗାଣ ପ୍ରସଙ୍ଗକୁ ନେଇ ଲୋକେ ସାମାଜିକ ଗଣମାଧମ ଜରିଆରେ ପ୍ରଶାସନ, ନିର୍ବାଚିତ ଲୋକପ୍ରତିନିଧି ଓ ୱାଟକୋ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ଯାହାର ଫଳ ସ୍ୱରୁପ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଓ ମେୟର ଶ୍ରୀମତି ସଂଘମିତ୍ରା ଦଳେଇ ୱାଟକୋ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର କାରଣ ଜାଣିବାକୁ ଚେଷ୍ଟା କରିବା ସହ ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାର ଫଳସ୍ୱରୁପ ବର୍ତ୍ତମାନ ସହରର ଜଳଯୋଗାଣରେ ସ୍ୱଭାବିକ ପରିସ୍ଥିତି ଫେରିଥିବା ଜଣାପଡ଼ିଛି। ଏନେଇ ୱାଟକୋ ନିର୍ବାହୀ ଯନ୍ତ୍ରୀ ବିକାଶ ପାଢ଼ୀଙ୍କ ସହ ଯୋଗାଯୋଗ କରାଯିବାରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବର୍ଷା ଯୋଗୁଁ ତଥା ଦକ୍ଷିଣପୁର ପ୍ରକଳ୍ପରେ ଫିଲ୍ଟର ବେଡରେ ସୃଷ୍ଟି ହୋଇଥିବା ସମସ୍ୟା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଖୋଦ୍ ବିଧାୟକ ଓ ମେୟର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ସହରର ବିଭିନ୍ନ ଅଞ୍ଚଳରୁ ମଧ ଏନେଇ ବିଭାଗକୁ ଟୋଲଫ୍ରି ନମ୍ବରକୁ ବହୁ ଅଭିଯୋଗ ଆସିଥିଲା। ବିଭାଗ ପକ୍ଷରୁ ତୁରନ୍ତ ପ୍ରତିକାର ସ୍ୱରୁପ ପଦକ୍ଷେପ ଗ୍ରହଣ କରାଯାଇ ସମସ୍ୟାର ସମାଧାନ କରାଯାଇଥିବା ସେ କହିଛନ୍ତି। ସହରକୁ ଦକ୍ଷିଣପୁର ପ୍ରକଳ୍ପରୁ ଯୋଗାଣ ହେଉଥିବା କିଛି ଅଞ୍ଚଳରେ ଏଭଳି ସମସ୍ୟା ଗତ ୩୬ଘଣ୍ଟା ଧରି ରହିଥିଲା। ଯାହା ବର୍ତ୍ତମାନ ସମାଧାନ ହୋଇଯାଇଛି। ତେବେ ବର୍ଷା ଦିନରେ ପ୍ରକଳ୍ପ ମଧ୍ୟକୁ ବର୍ଷାଜଳ ସହିତ ମାଟି ପ୍ରବେଶ କରୁଥିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଯାହାପ୍ରତି ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ତେବେ ଗତ ୩୬ଘଣ୍ଟା ପାଇଁ ସହରରେ ଗୋଳିଆ ପାଣିଯେଗୋଣ ଜନିତ ସୃଷ୍ଟି ହୋଇଥିବା ସମସ୍ୟା ଜାନିବିଲି ପ୍ରକଳ୍ପ ସହିତ କୌଣସି ସମ୍ପର୍କ ନଥିବା ମଧ ସ୍ପଷ୍ଟ କରିଛନ୍ତି ୱାଟକୋ ନିର୍ବାହୀ ଯନ୍ତ୍ରୀ ବିକାଶ ପାଢ଼ୀ।

ବ୍ରହ୍ମପୁର ମହାନଗର ନିଗମ

# ତୃତୀୟ ଗଞ୍ଜାମ ଜିଲ୍ଲା ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ



**ବ୍ରହ୍ମପୁର, ୩୦।୬(ସମିସ):** ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମରେ ରବିବାର ଗଞ୍ଜାମ ସନ୍ତରଣ ସଂଘ ପକ୍ଷରୁ ତୃତୀୟ ଗଞ୍ଜାମ ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସଂଘର ସଭାପତି ଡ. ଅନିତା ମିଶ୍ର ଯୋଗ ଦେଇ ଉଦଘାଟନ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ୩୨ଜଣ ବାଳକ ୮ଜଣ ବାଳିକା ପ୍ରତିଯୋଗୀ ଥିଲେ। ଏଥିରେ ବିଭିନ୍ନ ବର୍ଗରେ ସନ୍ତରଣ ପ୍ରତିଯୋଗିତା ବିଜେତାଙ୍କୁ ପୁରସ୍କୃତ କରଯାଇଥିଲା। ସେମାନେ ଆସନ୍ତା ଜୁଲାଇ ମାସ ୮ ଓ ୯ତାରିଖରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ସାମିଲ ହେବେ। ସେହିଭଳି ଗତ ବର୍ଷ ଅନୁଷ୍ଠିତ ସନ୍ତରଣ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନେ ଆନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ମେଡ଼ାଲ ଆଣିଥିଲେ। ତେଣୁ ଚଳିତ ଥର ମଧ ଏହି ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତାରୁ ଭଲ ଖେଳାଳି ବାହାରିବେ ଓ ରାଜ୍ୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବେ ବୋଲି ଗଞ୍ଜାମ ସନ୍ତରଣ ସଂଘ ପକ୍ଷରୁ ଆଶା କରାଯାଇଛି। ଅନ୍ୟନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ କେ. ମନୋଜ ପ୍ରଧାନ, କୋଷାଧକ୍ଷ ଇ. ଲଳିତ କୁମାର, ଆଇନ ଉପଦେଷ୍ଟା ସୁଶ୍ରୀ ପ୍ରଭାତି ସୁଆର, ସୁଦପ୍ତା ଖୁଣ୍ଟିଆ, ସୁନିତା ପାତ୍ର, ବାସୁ ନାହାକ, ଜେଏସଡବ୍ଲୁ ମୁଖ୍ୟକୋଚ ଏହସାନ ହୁସେନ, ଦୀପକ କୁମାର ନାୟକଙ୍କ ସମେତ ସଙ୍ଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## • ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ

# ସଂଘବଦ୍ଧ ଆକ୍ରମଣରେ ମହିଳା ଗୁରୁତର

**ଦିଗପହଣ୍ଡି, ୩୦।୬(ସମିସ):** ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ହରିଜନ ସାହିରେ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ସଂଘବଦ୍ଧ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଜଣକ ହେଲେ ଗୋଲାପି ନାଇକ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମଧ୍ୟାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଉଭୟ ଗୋଷ୍ଠୀର ଲୋକେ ପରସ୍ପରକୁ ଠେଙ୍ଗା ବାଡ଼ିରେ ଆକ୍ରମଣ କରିଥିଲେ। ଜଣେ ଯୁବକ ଘର ଛାତ ଉପରକୁ ଯାଇ ମହିଳାଙ୍କ ମୁଣ୍ଡକୁ ପଥର ଛେଚି ଦେବାରୁ ସେ ଚେତାଶୂନ୍ୟ ହୋଇ ରାସ୍ତା ଉପରେ ଟଳି ପଡ଼ିଥିଲେ। ତାଙ୍କୁ ଅନ୍ୟମାନେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଗୋଷ୍ଠୀ ସଂଘର୍ଷରେ ଉଭୟ ପକ୍ଷର ଏକାଧିକ ବ୍ୟକ୍ତି ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି।

# ଗାଡ଼ି ସହ ମଦ ଜବତ

**କୋଦଳା, ୩୦।୬(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ସ୍ଥିତ ପେଟ୍ରୋଲ ପମ୍ପ ନିକଟ କେନାଲ ରାସ୍ତାରେ ଗୋଟିଏ ଟାଭେରା ଗାଡ଼ିରେ ବିପୁଳ ପରମାଣର ଚୋରା ଦେଶୀ ମଦ ଯାଉଥିଲା। ଖବର ପାଇ ବେଗୁନିଆପଡ଼ା ପୁଲିସ ପିଛା କରି ଜବତ କରିବାରେ ସଫଳ ହୋଇ ଥିବା ବେଳେ ଆସାମୀ ଚମ୍ପଟ ମାରିଛି। ଏଥିରେ ୧୫ ବସ୍ତା ଚୋରା ମଦ ରହିଥିଲା। ଟାଭେରା ଗାଡିକୁ ପୁଲିସ ଜବତ କରିବା ସହ ୩୦୮/୨୦୨୪ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଗଞ୍ଜାମରେ କେବେ କାର୍ଯ୍ୟକ୍ଷମ ହେବ ଆୟୁଷ ହସ୍ପିଟାଲ

## ଜାଗା ଚିହ୍ନଟ ପାଇଁ ଲାଗିଥିଲା ୫ବର୍ଷ

## ୩ ବର୍ଷ ପରେ ବି ସରୁନି କୋଠା ନିର୍ମାଣ

**ବ୍ରହ୍ମପୁର, ୩୦।୬(ସମିସ)**

ଗଞ୍ଜାମ ଜିଲ୍ଲାରେ ଆୟୁଷ ହସ୍ପିଟାଲ ପ୍ରତିଷ୍ଠା ନେଇ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତି ନିଆଯାଇଥିଲା। ଦୀର୍ଘ ୭ବର୍ଷରୁ ଉଦ୍ଧ୍ୱର୍ କାଳ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମ ହେବାତ ଦୂରର କଥା ଏହାର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇପାରିଲା ନାହିଁ। ଯାହାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ସାଧାରଣରେ ଜନଅସନ୍ତୋଷ କୁହୁଳିବାରେ ଲାଗିଛି। ଜିଲ୍ଲାର ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କରାପଲ୍ଲୀ ଠାରେ ୫୦ଶଯ୍ୟା ବିଶିଷ୍ଟ ଆୟୁଷ ହସ୍ପିଟାଲ ପ୍ରତିଷ୍ଠା ପାଇଁ ୨୦୨୧ମସିହା ଠାରୁ କୋଠା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତାହା ଏବେ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଫଳରେ ଆୟୁଷ ହସ୍ପିଟାଲ ପ୍ରତିଷ୍ଠା ନେଇ ଅହେତୁକ ବିଳମ୍ବ ହେବାରେ ଲାଗିଛି। ଯଦ୍ୱାରା କେବଳ ଗଞ୍ଜାମ ଜିଲ୍ଲା ନୁହେଁ ବରଂ ସମଗ୍ର ଦକ୍ଷିଣଓଡ଼ିଶାର ଲକ୍ଷାଧିକ ରୋଗୀ ଆୟୁର୍ବେଦିକ ଓ ହୋମିଓପାଥିକ ଭଳି ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ସୋମବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମାହାଲିଙ୍ଗ ବ୍ରହ୍ମପୁର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ସହର



ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲ୍ଲାରେ ଖୁବଶୀଘ୍ର ଆୟୁଷ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଦାବି କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ସମଗ୍ର ରାଜ୍ୟରେ ମୋଟ ୩ଟି ଆୟୁଷ ହସ୍ପିଟାଲ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ୨୦୧୬ମସିହାରେ ନିଷ୍ପତ୍ତି ନେଇଥିଲେ। ସେଥିମଧ୍ୟରୁ ଗୋଟିଏ ହସ୍ପିଟାଲ ଗଞ୍ଜାମ ଜିଲ୍ଲାରେ ଏବଂ ଅନ୍ୟ ଦୁଇଟି ବାଲେଶ୍ୱର ଓ ଢେଙ୍କାନାଳରେ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଥିଲା। ଏହି ହସ୍ପିଟାଲଟି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ସ୍ଥାପିତ ହେବାକୁ ଯାଉଛି।

ଗଞ୍ଜାମରେ ଏହି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ ଓ ଚୂଡାନ୍ତ କରିବାକୁ ପ୍ରାୟ ୫ବର୍ଷ ଲାଗି ଯାଇଥିଲା। ଶେଷରେ ୨୦୨୧ମସିହା ମାର୍ଚ୍ଚ ମାସରେ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କରାପଲ୍ଲୀ ଠାରେ ଖାତା ନଂ-୪୦୨, ପ୍ଲଟ ନଂ-୨୨୮୫ ଏବଂ ୨୨୮୭ ଅନ୍ତର୍ଗତ ୧.୭୦ ଡେସିମିଲ ଜମି ପ୍ରଦାନ କରାଯାଇଥିଲା। କୋଠା ନିର୍ମାଣ ନିମନ୍ତେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଗତ ୨୦୨୧ମସିହା ଅଗଷ୍ଟରେ ୧୨କୋଟି ୪୦ଲକ୍ଷ ଟଙ୍କା ପ୍ରଦାନ କରିଥିବା ସତ୍ତ୍ୱେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି। ଯାହାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବର୍ତ୍ତମାନ ହସ୍ପିଟାଲ କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବାପରେ ଏହା ଦକ୍ଷିଣଓଡ଼ିଶାର ଏକ ସ୍ୱତନ୍ତ୍ର ହସ୍ପିଟାଲ ଭାବେ ପରିଗଣିତ ହେବ। ଏଠାରେ ଆୟୁର୍ବେଦ ଚିକିତ୍ସା ସହ, ଯୋଗ ପ୍ରକ୍ରିୟାରେ ଚିକିତ୍ସା, ସିଦ୍ଧ, ୟୁନାନୀ, ଏବଂ ହୋମିଓପାଥିକ ଚିକିତ୍ସା ପ୍ରକ୍ରିୟାରେ ରୋଗୀ ଚିକିତ୍ସା ସେବା ପାଇପାରିବେ। ସାଧାରଣତଃ ନନ କମ୍ୟୁନିକେବଲ ଡିଜିଜ(ଅନସିଡି) ରୋଗରେ ଆକ୍ରାନ୍ତ ହେଉଥିବା ରୋଗୀମାନେ ଅଧିକ ଉପକୃତ ହେବେ। ଉକ୍ତ ରୋଗୀଙ୍କ ମଧ୍ୟରେ ପକ୍ଷଘାତ, ମଧୁମେହ, ଉଚ୍ଚ ରକ୍ତଚାପ ଓ ବାର୍ଦ୍ଧକ୍ୟ ଜନିତ ଆଣ୍ଠୁଗଣ୍ଠି ବ୍ୟଥା ଭଳି ବିଭିନ୍ନ ସମସ୍ୟା ଦୂର ହୋଇପରିବ। ଏହି ଚିକିତ୍ସା ପ୍ରକ୍ରିୟା ଦ୍ୱାରା ଲକ୍ଷାଧିକ ବ୍ୟକ୍ତି ଦୁଃସାଧ ବ୍ୟାଧିରୁ ମୁକ୍ତି ପାଇପାରିବେ। ଏଠାରେ ଚିକିତ୍ସିତ ହେବା ରୋଗୀଙ୍କୁ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ଶୀକାର ହେବାକୁ ପଡ଼ିବ ନାହିଁ। ଏହା ସହ ରୋଗୀଙ୍କୁ ଏଲୋପାଥିକ ଚିକିତ୍ସା ଭଳି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ। କିନ୍ତୁ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଶେଷ ହେବାରେ ଅହେତୁକ ବିଳମ୍ବ ଯୋଗୁଁ ଜିଲ୍ଲାର ଏକମାତ୍ର ତଥା ପ୍ରଥମ ଆୟୁଷ ହସପିଟାଲ ପ୍ରତିଷ୍ଠା ସମ୍ଭବପର ହୋଇପାରୁନାହିଁ। ତେଣୁ ଏହି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ମୁଖ୍ୟ ଆୟୁର୍ବେଦ ଅଧିକାରୀ ଡା. ରାମଚନ୍ଦ୍ର ବେହେରା କହିଛନ୍ତି, ହସ୍ପିଟାଲର କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ଖୁବ୍‌ଶୀଘ୍ର ଉକ୍ତ କୋଠାର ନିର୍ମାଣ କାର୍ଯ୍ୟ ଶେଷ ସହ ବିଭାଗକୁ ହସ୍ତାନ୍ତର ହେବ। ଏହା ପରେ ଆୟୁଷ ହସ୍ପିଟାଲ କାର୍ଯ୍ୟକ୍ଷମ ନିମନ୍ତେ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତି ନିମନ୍ତେ ପଦକ୍ଷେପ ଗ୍ରହଣ କାରାଯିବ ବୋଲି ଡ଼ା. ବେହେରା କହିଛନ୍ତି।

## • ବେଣୀମାଧବ ପାଢ଼ୀ ସ୍ମାରକୀ ବକ୍ତୃତାମାଳା

# ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ ତୃତୀୟ ବେଣୀମାଧବ ପାଢ଼ୀ ସ୍ମୃତି ସମ୍ମାନ



**ବ୍ରହ୍ମପୁର, ୩୦।୬(ସମିସ):** ଶ୍ରୀଜଗନ୍ନାଥ ହେଉଛନ୍ତି ଅଖିଳ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା। ଜଗନ୍ନାଥ ଉଭୟ ବେଦୋକ୍ତ ଓ ଲୋକ ଦେବତା ରୂପେ ସାରା ବିଶ୍ୱରେ ଅତୁଲ୍ୟ ପରିଚିତି ଲାଭ କରିଛନ୍ତି। ଜଗନ୍ନାଥଙ୍କ ସୃଷ୍ଟି ଓ ଜଗନ୍ନାଥ ଚେତନାର ବିଶେଷତା ସମ୍ପର୍କରେ ଅନେକ ଗବେଷଣା ହୋଇଛି। ମାତ୍ର ଗବେଷକ ଡ. ବେଣୀମାଧବ ପାଢ଼ୀଙ୍କ ଗବେଷଣା ଗ୍ରନ୍ଥ 'ଦାରୁ ଦେବତା'ରେ ପ୍ରତିପାଦିତ ତଥ୍ୟ ଓ ତତ୍ତ୍ୱକୁ ଏଯାବତ୍ କେହି ଅତିକ୍ରମ କରିନାହାନ୍ତି ଏବଂ ତାଙ୍କ ପ୍ରଣୀତ 'ଦାରୁ ଦେବତା' ଗ୍ରନ୍ଥ ଜଗନ୍ନାଥ ଗବେଷଣାର କେନ୍ଦ୍ରବିନ୍ଦୁ ବୋଲି ଓଡ଼ିଆ ଶାସ୍ତ୍ରୀୟ ଭାଷା ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର୍ ବସନ୍ତ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି। କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଆୟୋଜିତ 'ଡ. ବେଣୀମାଧବ ପାଢ଼ୀ ସ୍ମାରକୀ ବକ୍ତୃତାମାଳାକୁ ଉଦ୍‌ଘାଟନ କରି ପ୍ରଫେସର୍ ପଣ୍ଡା 'ଶ୍ରୀଜଗନ୍ନାଥ ଗବେଷଣା ଓ ଦାରୁ ଦେବତା' ଶୀର୍ଷକ ପ୍ରସଙ୍ଗରେ ତଥ୍ୟପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। କଳିଙ୍ଗ ସାହିତ୍ୟ ସମାଜର ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ଗଞ୍ଜାମ ଜିଲ୍ଲା ସଦସ୍ୟ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହି ସ୍ମୃତିସଭାରେ ପୌରୋହିତ୍ୟ କରିଥିଲେ। ସାହିତ୍ୟ ସମାଜର ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମାରକୀ ବକ୍ତୃତାମାଳା ପ୍ରାରମ୍ଭରେ ଡ. ହୃଷୀକେଶ ପଣ୍ଡା ସ୍ୱାଗତ ସମ୍ଭାଷଣ, ଅତିଥି ପରିଚୟ ପ୍ରଦାନ ସହ ପ୍ରଶସ୍ତିପତ୍ର ପାଠ କରିଥିଲେ। ଏ ଅବସରରେ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ ତୃତୀୟ ଡ. ବେଣୀମାଧବ ପାଢ଼ୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବା ସହ ଅଙ୍ଗବସ୍ତ୍ର ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଡ. ବେଣୀମାଧବ ପାଢ଼ୀଙ୍କ ସୁପୁତ୍ରୀ ଡ. ସୂଚନା ପାଢ଼ୀ ଓ ଡ. ସ୍ୱସ୍ତିକା ପାଢ଼ୀ ପ୍ରମୁଖ ପିତାଙ୍କ ସ୍ମୃତିଚାରଣ ପୂର୍ବକ ନିଜ ନିଜର ଅନୁଭୂତି ବଖାଣିଥିଲେ। ଉପ-ସଭାପତି ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଡ. ପ୍ରଫୁଲ୍ଲ କୁମାର ମହାନ୍ତି (ହାରିତସ୍), ଡ. ହରିକୃଷ୍ଣ ନାୟକ, ଡ. ବିଦ୍ୟୁତ୍ ପ୍ରଭା ସାହୁ, ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ସୁବ୍ରତ ସାହୁ, ଡ. ମନୋରଞ୍ଜନ ବିଷୋୟୀ, ହରେକୃଷ୍ଣ ପଣ୍ଡା, ମୃଦୁଳା ମିଶ୍ର, ସୀମାଞ୍ଚଳ ଭୋଳ, ଅଧ୍ୟାପକ ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରମୋଦ କୁମାର ପଣ୍ଡା, ପଦ୍ମିନୀ ମିଶ୍ର, ଡ. ବିଶ୍ୱନାଥ ପାଣିଗ୍ରାହୀ, ସୁଶାନ୍ତ କର, କପିଳଚନ୍ଦ୍ର ମହାନ୍ତି, ଶରତ କୁମାର ଦାସ ପ୍ରମୁଖ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧା ନିବେଦନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କବି ଅନୁପ କୁମାର ମିଶ୍ର, ଡ. ସଞ୍ଜୟ କୁମାର ପଣ୍ଡା, ଡ. ଅଶୋକ କୁମାର ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ଦୀନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଫେସର ପ୍ରମୋଦ କୁମାର ସାହୁଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚିତ

**ବ୍ରହ୍ମପୁର, ୩୦।୬(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ସ୍ୱର୍ଗତ ପ୍ରଫେସର ପ୍ରମୋଦ କୁମାର ସାହୁଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଡାକ୍ତର ଏନ. ସି. ପାଢ଼ୀ, ଡଃ ଜଗନ୍ନାଥ ପଣ୍ଡା, ଡା ରମେଶ ଚନ୍ଦ୍ର ତ୍ରିପାଠୀ, ଡଃ ସୁଧାଂଶୁ ପତି, ଡଃ ଅଲତାଫ ଖାଁ ଓ ପ୍ରଫେସର ଡଃ ବିଷ୍ଣୁ ଚରଣ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଣିଜ୍ୟ ବିଭାଗର ବହୁ ପୂର୍ବତନ ଓ ବର୍ତମାନର ପ୍ରାଧ୍ୟାପକମାନେ ଯୋଗ ଦେଇଥିଲେ। ସଂଘ ପରିବାର ଯଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ସହକାରୀ ଭାରତୀ, ଭାରତ ବିକାଶ ପରିଷଦ, ସରସ୍ୱତୀ ବିଦ୍ୟାମନ୍ଦିରର ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସମେତ ସ୍ୱର୍ଗତ ସାହୁଙ୍କ ପରିବାର ବର୍ଗ ଓ ବନ୍ଧୁମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସଭାରେ ସ୍ୱର୍ଗତ ପ୍ରଫେସର ସାହୁଙ୍କୁ ଜଣେ ବିଜ୍ଞ ଓ ମହାନ ଓ ବିରଳ ବ୍ୟକ୍ତିତ୍ୱ ଭାବେ ବିବେଚନା କରି ତାଙ୍କର କାର୍ଯ୍ୟାବଳୀକୁ ସ୍ମରଣ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ ସାହୁ ଜଣେ ବ୍ୟକ୍ତି ନୁହେଁ ସେ ଏକ ଅନୁଷ୍ଠାନ ଥିଲେ। ତାଙ୍କରି ପ୍ରଚେଷ୍ଟାରେ ଓଡ଼ିଶାରେ ବାଣିଜ୍ୟ ବିଭାଗର ବିକାଶ ହୋଇପାରିଥିବା ବେଳେ ସ୍ୱର୍ଗତ ସାହୁଙ୍କ ବ୍ୟକ୍ତିତ୍ୱରୁ କିଛିବି କାର୍ଯ୍ୟରେ ଲଗାଇଲେ ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଶ୍ରୀ ହୃଷୀକେଶ



ପାଣିଗ୍ରାହୀ କାର୍ଯକ୍ରମ ସଞ୍ଚାଳନ କରି ଥିବାବେଳେ ଓ ସ୍ୱର୍ଗତ ସାହୁଙ୍କ ପୁତ୍ର ପ୍ରଦୀପ ଓ ପୁତୁରା ପ୍ରକାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସ୍ୱର୍ଗତ ସାହୁଙ୍କ ନାତି ଅଭିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓକିଲ ସଂଘର ଆଲୋଚନାଚକ୍ର



**ବୁଗୁଡା, ୩୦।୬(ସମିସ):** ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଉପସଭାପତି ସରୋଜ କୁମାର ଦାଶଙ୍କ ପୌରୋହିତ୍ୟରେ ବାର୍ ଆସୋସିଏସନ ହଲ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ପହିଲାରୁ ସମଗ୍ର ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂତନ ଫୌଜଦାରୀ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଆଲୋଚନା କରାଯାଇଥିଲା। ପରିବର୍ତ୍ତିତ ନୂତନ ଆଇନରେ ସାମାଜିକ ନ୍ୟାୟକୁ ପ୍ରାଧାନ୍ୟ ଦିଆଯାଇଥିବା ନେଇ ମତ ପ୍ରକାଶ ପାଇଥିଲା। ଉକ୍ତ ଆଲୋଚନାଚକ୍ରରେ ଆଇନଜୀବୀ ସରୋଜ ସାହୁ, ହର ପ୍ରସାଦ ଦାଶ, ରବୀନ୍ଦ୍ର ପଣ୍ଡା, ଅମର ପଟ୍ଟନାୟକ ଓ ସୁଜିତ ସ୍ୱାଇଁ ପ୍ରମୁଖ ନିଜ ନିଜ ମତ ଉପସ୍ଥାପନ କରିଥିଲା ବେଳେ ଅନ୍ୟ ଓକିଲ ଏଥିରେ ଉପସ୍ଥିତ ଥିଲେ। ସମ୍ପାଦକ ଦୁର୍ଗା ମାଧବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆୟୁଷ୍ମାନ ଭାରତ-ଗୁଣାତ୍ମକ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମ

## ଆଗା ସାହି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ

**ବ୍ରହ୍ମପୁର, ୩୦।୬(ସମିସ):** ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନଠାରେ ଶୁକ୍ରବାର ଆୟୋଜିତ 'ଆୟୁଷ୍ମାନ ଭାରତ-ଗୁଣାତ୍ମକ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଓଡ଼ିଶାର ଏକାଧିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଛନ୍ତି। ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ଏଭଳି ପୁରସ୍କାର ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ବ୍ରହ୍ମପୁର ଆଗା ସାହି ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ ପୁରସ୍କୃତ କରାଯାଇଛି। ଆସିଷ୍ଟାଣ୍ଟ ପ୍ରଗ୍ରାମ ମ୍ୟାନେଜର କେନ୍ଦ୍ରମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିବା ଜଣାଯାଇଛି। ଏହା ରାଜ୍ୟ ଓ ଗଞ୍ଜାମ ଜିଲ୍ଲା ପାଇଁ ଏକ ଗର୍ବର ବିଷୟ। ରୋଗୀଙ୍କୁ ଉତ୍ତମ ସେବା ସମେତ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫା ପାଇଁ ନିଜକୁ ସମର୍ପିତ କରି ଏହି ପୁରସ୍କାର ହାସଲ କରିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି।

# ଦୁର୍ଘଟଣାରେ ଦୁଇ ଗୁରୁତର

**ଦିଗପହଣ୍ଡି, ୩୦।୬(ସମିସ):** ଦିଗପହଣ୍ଡି ବ୍ଲକର ପୃଥକ୍ ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ଗୁରୁତର ଦୁହେଁ ଦିଗପହଣ୍ଡି ବ୍ଲକ ହାତିଆଡି ଗ୍ରାମର କୁରେଶ ସେଠୀଙ୍କ ସ୍ତ୍ରୀ ଝୁନୁ ସେଠୀ(୫୫) ଏବଂ ଫାସିଗୁଡା ଗ୍ରାମର ନାରାୟଣ ପ୍ରଧାନ(୨୧) ବୋଲି ଜଣାପଡ଼ିଛି। କୁରେଶ୍ଣ ଏବଂ ସ୍ତ୍ରୀ ଝୁନୁ ଦୁହେଁ ବାଇକ୍‌ରେ ଡେଙ୍ଗାଓସ୍ତା ଗ୍ରାମରେ ଚାଲିଥିବା ଏକ ଭୋଜିରେ ଯୋଗଦେଇ ପୁଣି ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଅଟୋ(ଓଡି-୦୭କେ୧୯୪୯) କାର୍‌ର ଚାଳକ ହଠାତ୍ କାର୍‌ର ଗେଟ୍ ଖୋଲିଦେବା ଫଳରେ ବାଇକ୍ ସହ ଧକ୍କା ହୋଇ ମହିଳା ଜଣଙ୍କ ହାତରେ ଆଘାତ ଲାଗିବା ସହ ମେରୁଦଣ୍ଡରେ ଆଘାତ ଲାଗିଥିଲା। ସେହିପରି ଫାସିଗୁଡା ଗ୍ରାମର ନାରାୟଣ ପ୍ରଧାନ କୌଣସି ଏକ କାମରେ ବାଇକ୍‌ରେ ତୁଣ୍ଡ୍ରା ଗ୍ରାମରୁ ଭୀଷ୍ମଗିରି ଅଭିମୁଖେ ଯାଉଥିଲେ। ଏହି ସମୟରେ ଭୀଷ୍ମଗିରି ଗ୍ରାମର ରୁଦ୍ର ସାହୁ ନାମକ ଜଣେ ଯୁବକ ବାଇକ୍‌ରେ ଆସୁଥିବା ବେଳେ ଖଣ୍ଡଦେଉଳି ନିକଟରେ ବାଇକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ନାରାୟଣ ପ୍ରଧାନଙ୍କୁ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି।



### ପାରଳା ପୌରପରିଷଦର ଦୋକାନ ଗୃହ ଆବଣ୍ଟନରେ ଦୁର୍ନୀତି

# ସର୍ତ୍ତାବଳୀକୁ ଉଲ୍ଲଂଘନ କରି ଆବଣ୍ଟନ ହୋଇଛି ୧୭ ଦୋକାନ ଗୃହ

**ପାରଳାଖେମୁଣ୍ଡି, ୩୦।୬(ସମିସ)**



ପାରଳାଖେମୁଣ୍ଡି ପୌରପରିଷଦର ନୂତନ ବସଷ୍ଟାଣ୍ଡରେ ନିର୍ମିତ ଦୋକାନ ଗୃହ ଆବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ପୌରପରିଷଦ ତରଫରୁ ନୂତନ ବସଷ୍ଟାଣ୍ଡ ପରିସରର ଆମ୍ବେଦକର ପ୍ରତିମୂର୍ତ୍ତି ପଛପଟରେ ନିର୍ମିତ ହୋଇଥିବା ଦୋକାନ ଗୃହ ୨୦୧୮ ମସିହା ଅଗଷ୍ଟ ୧୮ ତାରିଖରେ ଉଦଘାଟନ ହୋଇଥିଲା। ଏହି ଦୋକାନ ଗୁଡିକର ଆବଣ୍ଟନ ନିମନ୍ତେ ପ୍ରଥମେ ପୌରପରିଷଦ ଚିଠି ନମ୍ବର-୩୩୫୪/୧୦.୧୦.୨୦୨୩ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଅମାନତ ରାଶି ୧୦ ହଜାର ଟଙ୍କା ସମେତ ରୁମ୍ ଆକାର ଅନୁଯାୟୀ ଟଙ୍କା ଧାର୍ଯ୍ୟ ହୋଇଥିଲା। ସର୍ବନିମ୍ନ ୧, ୨୦, ୩୦୦ ଟଙ୍କାରୁ ଆରମ୍ଭ କରି ୧, ୮୦, ୫୦୦ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଆବେଦନକାରୀଙ୍କ ଠାରୁ ଏ ବାବଦରେ ମୋଟ ୨୭, ୪୮, ୫୦୦ ଟଙ୍କା ଆଦାୟ ହୋଇଥିଲା। ଏହାର ଆବେଦନ କରିବା ଶେଷ ତାରିଖ ୨୦୨୩ ତାରିଖ ଅକ୍ଟୋବର ୨୫ ତାରିଖରେ ଥିଲା। ଏଥି ପାଇଁ ୧୭ ଜଣ ଆବେଦନ କରିଥିଲେ। ପୌରପରିଷଦ ତରଫରୁ ୨୦୨୩ ମସିହା ନଭେମ୍ବର ୧୫ ତାରିଖରେ ୧୭ଜଣ ଦରଖାସ୍ତକାରୀଙ୍କୁ ଗୃହ ଆବଣ୍ଟନ କରାଯାଇଥିଲା। ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟର ଚିଠି ନମ୍ବର-୩୩୫୪/୧୦.୧୦.୨୦୨୩ରିଖରେ ଉଲ୍ଲେଖିତ ଗୃହ ଆବଣ୍ଟନର ସର୍ବମୋଟ ୨୧ ଗୋଟି ସର୍ତ୍ତାବଳୀ ରହିଥିଲା। ସର୍ତ୍ତାବଳୀର ସର୍ତ୍ତ ନମ୍ବର-୬ ପ୍ରକାରେ ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ। ସେହିଭଳି ସର୍ତ୍ତ ନମ୍ବର-୮ରେ ଟେଣ୍ଡର ପାଇଥିବା ବ୍ୟକ୍ତି ଉକ୍ତ ଗୃହର କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ। ପୌରପରିଷଦ ତରଫରୁ ଉକ୍ତ ଗୃହ ଗୁଡିକ ଆବଣ୍ଟନ ବେଳେ ସର୍ତ୍ତାବଳୀକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଛି। ପାରଳାଖେମୁଣ୍ଡି ସହରର ଗୁରାନା ଚିନ୍ନେୟାଙ୍କ ପୁଅ ଗୁରାନା କାମେଶଙ୍କୁ ୨ଟି, ଜି.କାମେଶଙ୍କ ପୁଅ ଗୁରାନା ସନ୍ତୋଷଙ୍କୁ ୨ଟି, ଗୁରାନା ସନ୍ତୋଷଙ୍କ ସ୍ତ୍ରୀ ଗୁରାନା କଳ୍ପନାଙ୍କୁ ୨ଟି, ଗୁରାନା କାମେଶଙ୍କ ପୁଅ ଗୁରାନା ଲୋକେଶଙ୍କୁ ୨ଟି ଲେଖାଁଏ ଦୋକାନ ଗୃହ ଆବଣ୍ଟନ କରାଯାଇଛି। ସେମାନେ ଗୋଟିଏ ପରିବାରର ସଦସ୍ୟ ବୋଲି ପୌରପରିଷଦ ଆବଣ୍ଟନ ତାଲିକାରୁ ଜଣାପଡ଼ିଛି। ସେହିପରି ଯୋଗୀ ନାଇଡୁଙ୍କ ପୁଅ ଦୁର୍ଗେସି ଶିବକ୍ରିଷ୍ଣା ଓ ଦୁର୍ଗେସି କୋଟେଶ୍ୱରଙ୍କୁ ୨ଟି ଲେଖାଁଏ, ଡି.କୋଟେଶ୍ୱର ରାଓଙ୍କ ପତ୍ନୀ କେଲା ସୁନୀତାଙ୍କୁ ୨ଟି ଦୋକାନ ଗୃହ ଆବଣ୍ଟନ କରାଯାଇଛି। ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ପାରଳାଖେମୁଣ୍ଡି ପୌରପରିଷଦ ତରଫରୁ ବସଷ୍ଟାଣ୍ଡ ପରିସରର ଦୋକାନ ଗୃହ ସମୂହର ଗୃହ ଆବଣ୍ଟନ ନିମନ୍ତେ ଯେଉଁ ସର୍ତ୍ତାବଳୀ ରଖାଯାଇଥିଲା ତାର ସର୍ତ୍ତ ନମ୍ବର-୬ କୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଛି। ତେବେ ଆବଣ୍ଟନ ହୋଇଥିବା ୧୭ ଦୋକାନ ଗୃହ ମଧ୍ୟରୁ ୧୪ଟି ଦୁଇଟି ପରିବାରର ଲୋକ ନେଇଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ସେହିପରି ଅବଶିଷ୍ଟ ଦୋକାନ ଗୃହ ଗର୍ଲି ଭାସ୍କର ରାଓଙ୍କ ପୁଅ ଗର୍ଲି ଚାନ୍ଦୁଙ୍କୁ ମିଳିଥିବା ବେଳେ ଦୁର୍ଗେସି ଶିବକ୍ରିଙ୍କ ପତ୍ନୀ ଦୁର୍ଗେସି. କିରଣମୟୀଙ୍କୁ ୨ଟି ଗୃହ ଆବଣ୍ଟନ ହୋଇଥିବା ଜଣାପଡ଼ିଛି। ଏମାନେ ମଧ୍ୟ ସେହି ଗୋଟିଏ ପରିବାରର ସମ୍ପର୍କୀୟ ବୋଲି ସନ୍ଦେହ କରାଯାଉଛି।

ପୌରପରିଷଦ କାର୍ଯ୍ୟାଳୟ ତରଫରୁ ଚିଠି ନମ୍ବର-୩୩୫୪/୧୦.୧୦.୨୦୨୩ରେ ପାରଳାଖେମୁଣ୍ଡି ନୂତନ ବସଷ୍ଟାଣ୍ଡ ପରିସରରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସର ଉପରମହଲାର ୧୬ଟି ଦୋକାନ ଗୃହ ଓ ଗ୍ରାଉଣ୍ଡ ଫ୍ଲୋର୍‌ର ଗୋଟିଏ ଦୋକାନ ଗୃହକୁ ମିଶାଇ ୧୭ ଦୋକାନ ଗୃହ ଆବଣ୍ଟନ କରିବା ନିମନ୍ତେ ଟେଣ୍ଡର ବାହାର କରାଯାଇଥିଲା। ଏହା ବ୍ୟତୀତ ସର୍ତ୍ତ ନମ୍ବର-୮ରେ ଟେଣ୍ଡର ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ ବୋଲି ଉଲ୍ଲେଖ ରହିଛି। କିନ୍ତୁ ସେଥିରେ ମଧ୍ୟ ବ୍ୟତିକ୍ରମ କରାଯାଇଥିବାର ଦେଖିବାକୁ ମିଳିଛି। ଏ ସମସ୍ତ ଘଟଣାକୁ ଦେଖିଲେ ପାରଳାଖେମୁଣ୍ଡି ପୌରପରିଷଦ ତରଫରୁ ନୂତନ ବସଷ୍ଟାଣ୍ଡ ପରିସରର ଉପରମହଲା ଦୋକାନ ଗୃହ ଆବଣ୍ଟନରେ ମହାଦୁର୍ନୀତି କରାଯାଇଛି। ଯାହାକୁ ନେଇ ନିଜ ନାମକୁ ଗୁପ୍ତ ରଖିବା ସର୍ତ୍ତରେ କିଛି ବ୍ୟକ୍ତିବିଶେଷ ଦୁର୍ନୀତି ନିବାରଣ ବିଭାଗ, ଜନସ୍ୱାର୍ଥ ମାମଲା ଓ ଲୋକାୟୁକ୍ତଙ୍କ ଦ୍ୱାରସ୍ତ ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଯେଉଁ ମାନଙ୍କୁ ଆବଣ୍ଟନ କରାଯାଇଛି ସେମାନେ ମନମୁତାବକ କରିଛନ୍ତି ଏବଂ ଏଥିପାଇଁ ପୌରପାଳିକା କୌଣସି ଅନୁମତି ଦେଇନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ଏସବୁର ବିଧିବଦ୍ଧ ତଦନ୍ତ କରାଯିବା ସହ ଆବଣ୍ଟନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରି ପୁଣି ଥରେ କରାଯିବା ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ରାଇକିଆରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ରାଇକିଆ, ୩୦।୬(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ଜଗନ୍ନାଥ ପୁଜା କମିଟି ତରଫରୁ ରବିବାର ଆଗାମୀ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ସତ୍ୟବାନ୍ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଥ ନିର୍ମାଣ, ପହଣ୍ଡି ବିଜେ, ରଥଟଣା, ମାଉସୀ ମା ମନ୍ଦିର ସୁପରିଚାଳନା, ସୁନାବେଶ, ନୀଳାଦ୍ରି ବିଜେ ଯେପରି ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଅଧ୍ୟାପକ ସନ୍ତୋଷ ନାୟକ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ୍ ସୂଚନା ଦେଇଥିବା ବେଳେ ସମ୍ପାଦକ ବାଇନାଥ ଦାସ ରଥ ଯାତ୍ରା ଅୟୋଜନ ପାଇଁ ପ୍ରସ୍ତୁତ ବିବରଣୀ ଉପସ୍ଥାପନା କରିଥିଲେ। ବିଭିନ୍ନ ବିଭାଗ ଅଧିକାରୀ ଶାନ୍ତିଶୃଙ୍ଖଳାର ସହ କିପରି କାର୍ଯ୍ୟକ୍ରମ ହୋଇପାରିବ ସେନେଇ ପରାମର୍ଶ ଦେଇଥିଲେ। ବୈଠକରେ ଏବିଡ଼ିଓ ଦିବ୍ୟସିଂ କହଁର, ଆରଡି ଏସଡିଓ ରାମକୃଷ୍ଣ ପଟ୍ଟନାୟକ, ନାଗରିକ ମଞ୍ଚ ସଭାପତି ପ୍ରଦୀପ ପ୍ରଧାନ, ଏଏସଆଇ ରାଜେନ୍ଦ୍ର ମିଶ୍ର, ବଣିକ ସଂଘ ସଭାପତି ପଦ୍ମ ଚରଣ ପଣ୍ଡା, ଯୁଗ୍ମ ସମ୍ପାଦକ ମିଟୁ ସ୍ୱାଇଁଙ୍କ ସମେତ ସମସ୍ତ କମିଟି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମୀକ୍ଷା ବୈଠକ

**ଟିକାବାଲି, ୩୦।୬(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀଙ୍କ ଅଧ୍ୟକ୍ଷତାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ, ଗଣେଶ୍ୱର କହଁର, ବିନୋଦିନୀ ସାମଲଙ୍କ ଉପସ୍ଥିତରେ ଜୁନ ମାସର ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପବିତ୍ର ସାହୁ, ଅରବିନ୍ଦ ମହାପାତ୍ର, ବିଷ୍ଣୁପ୍ରସାଦ ହୋତା, ରବିନାରାୟଣ ସାହୁ, ଜୟପ୍ରକାଶ ପାତ୍ର, ଜ୍ୟୋସ୍ନା ରାଣୀ ଜେନା ଏବଂ କର୍ମକର୍ତ୍ତା ମଧ୍ୟରେ ସୁଶାନ୍ତ ନାୟକ, ବିକାଶ ପ୍ରଧାନ, ଶୁଭେନ୍ଦୁ ମହାପାତ୍ର, ସୁବ୍ରତ ନାୟକ, ସୁନୀଲ ସାହୁ ଓ ନିଖିଳ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ବୈଠକରେ ଡ୍ରପ ଆଉଟ ପିଲାଙ୍କୁ ଚିହ୍ନଟ କରି ଶ୍ରେଣୀଭୁମୁଖୀ କରିବା, ଏଫଏଲଏନ କାର୍ଯ୍ୟକ୍ରମ କିପରି ସଠିକ ଭାବେ କାର୍ଯକାରୀ ହେବ ସେଥିପ୍ରତି ଯତ୍ନବାନ, ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ଓ ବିଦ୍ୟ ଓ ପ୍ରବେଶ ପୁସ୍ତିକାର କାର୍ଯ୍ୟସୂଚୀ କିପରି ସଠିକ ଭାବେ ପ୍ରତି ବିଦ୍ୟାଳୟରେ କାର୍ଯ୍ୟକାରୀ ହେବ ସେଥିପ୍ରତି ଦାୟିତ୍ୱ ନେବା ଓ 'ନୂତନ ଭାରତ ସାକ୍ଷରତା' କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କ ପାଇଁ ଶିକ୍ଷା ଯେପରି ସକ୍ଷମ ହୋଇପାରିବ ସେଥିନିମନ୍ତେ ୧୫ ବର୍ଷରୁ ଊର୍ଦ୍ଧ୍ୱ ଯେଉଁ ବ୍ୟକ୍ତି ମୌଳିକ ସାକ୍ଷରତା ହାସଲ କରିନାହାନ୍ତି ପୂର୍ବରୁ ସେମାନଙ୍କ ନାମ ପଞ୍ଜୀକୃତ ହୋଇଥିଲା ପରବର୍ତ୍ତୀ ସମୟରେ ସେମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇ ମୌଳିକ ସାକ୍ଷରତା ପାଇଁ ତାଲିମ ଦିଆଯିବା ପାଇଁ ସ୍ଥିର ହୋଇଥିଲା। ଏହାପରେ ଯେଉଁ ବିଦ୍ୟାଳୟର ୟୁସି ହୋଇନାହିଁ ତାହା କିପରି ତୁରନ୍ତ ଦେବେ ସେଥିପ୍ରତି ଦାୟିତ୍ୱବାନ ହେବା ପାଇଁ ପ୍ରଧାନଶିକ୍ଷକଙ୍କୁ ଜଣାଇ ଦିଆଯିବା ପାଇଁ ଆଲୋଚନା ହୋଇଥିଲା।



## ପାରଳାଖେମୁଣ୍ଡି-ରାଣୀପେଣ୍ଟ ରାସ୍ତା ଶୋଚନୀୟ

**ପାରଳାଖେମୁଣ୍ଡି, ୩୦।୬(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସମେତ ଏହାର ଉପକଣ୍ଠସ୍ଥ ରାଣୀପେଣ୍ଟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ପାରଳାଖେମୁଣ୍ଡି ସହରର ସୁବାଷନଗର ଠାରୁ ରାଣୀପେଣ୍ଟ ଯିବା ରାସ୍ତା ଖାଲଖମା ହୋଇଥିବାରୁ ବିପଦସଙ୍କୁଳ ହୋଇପଡ଼ିଛି। ଏଥିଯୋଗୁଁ ଲୋକେ ଯାତାୟତ କରିବାକୁ ବିପଦ ମଣୁଛନ୍ତି। ଏପରିକି ଉକ୍ତ ରାସ୍ତାରେ ଥିବା ଖାଲଖମାରେ ବହୁସମୟ ଧରି ପାଣି ଜମା ହୋଇ ରହୁଥିବାରୁ ଦୁଇଚକିଆ ଓ ତିନି ଚକିଆ ଯାନବାହାନ ଯାତାୟତ ବେଳେ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ଘଟିଲେ ପୁରୁଷ ଗାଡିଚାଳକ କୌଣସି ମତେ ନିଜକୁ ରକ୍ଷା କରୁଥିବା ବେଳେ ମହିଳା ଗାଡିଚାଳକ ଅବସ୍ଥା ଶୋଚନୀୟ ହୋଇପଡୁଛି। ପୂର୍ତ୍ତବିଭାଗ ବର୍ଷାଋତୁ ପୂର୍ବରୁ ରାସ୍ତାର ମରାମତି କରିବାର ଆବଶ୍ୟକତା ରହିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ତାହା ନ କରିବା କାରଣରୁ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ସେହି କାରଣରୁ ଦୁର୍ଘଟଣା ବୃଦ୍ଧି ପାଉଛି। ଏ ବିଷୟରେ ଜନସାଧାରଣ ବିଭାଗୀୟ କର୍ତ୍ତୃପକ୍ଷ ହୁଅନ୍ତୁ କି ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କଲେ କୌଣସି ପ୍ରକାରର ସୁଫଳ ମିଳୁନି। ଏହାବ୍ୟତୀତ ବହୁ ସମୟ ଧରି ରାସ୍ତା ଓ ରାସ୍ତା ପାର୍ଶ୍ୱରେ ପାଣି ଜମା ହେବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି।



## କନ୍ଧମାଳ ସର୍ଗିଫୁଲ ମହିଳା ସଂଘର ବାର୍ଷିକ ସାଧାରଣ ବୈଠକ

**ଫୁଲବାଣୀ, ୩୦।୬(ସମିସ):** କନ୍ଧମାଳ ଜିଲ୍ଲା ସର୍ଗିଫୁଲ ମହିଳା ସଂଘ ପକ୍ଷରୁ ଖଜୁରୀପଡ଼ା ସଦରମହକୁମା ଗୋଦାମ ଗୃହରେ ରବିବାର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଜୁରୀପଡ଼ା ସରପଞ୍ଚ ମନୋରଞ୍ଜନୀ ଜାନୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ସାହୁ ଓ ଓଡ଼ିଶା ଜୀବିକା ମିଶନ ବିପିଏମ ସନାତନ ମଲିକ ଯୋଗଦେଇ ଥିଲେ। ମ୍ୟାନେଜର ସୁଭଦ୍ରା ଭୁୟାଁ ବୈଠକ ପରିଚାଳନା କରିବା ସହିତ ଗତବର୍ଷର ବାର୍ଷିକ ବିବରଣୀ ପଠନ କରିଥିଲେ। ସର୍ଗିଫୁଲ ମହିଳା ସଂଘ କିପରି ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ବିକାଶ କରି ଲଘୁବନ ଜାତ ଦ୍ରବ୍ୟ ସଂଗ୍ରହକାରୀଙ୍କ ବିକ୍ରି କରିବାରେ ସାହାଯ୍ୟ କରିବା ସହିତ ଉଚିତ୍ ମୂଲ୍ୟ ଓ ସ୍ଥିର ଦରଦାମ୍ ପାଇପାରିବେ ସେଥିପାଇଁ ସଂଘଟି ସଦାସର୍ବଦା କାର୍ଯ୍ୟ କରିବ। ତଦ୍ ସହିତ ୨୦୨୩-୨୪ ଆର୍ଥିକ ବର୍ଷରେ କଣ କରିଛନ୍ତି ତା'ର ସମୀକ୍ଷା କରାଯାଇ ଭବିଷ୍ୟତରେ ସଂଘ ଅଧିକରୁ ଅଧିକ କିପରି ଉନ୍ନତି ହେବ ସେଥିପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟ କରିବେ ତା'ର ପ୍ରସ୍ତୁତି କରାଯାଇଥିଲା। ଶେଷରେ ନୂତନ ବୋର୍ଡ ଗଠନ କରାଯାଇଥିଲା। ଏଥିରେସଭାପତି ଭାବେ ରଶ୍ମିତା ମଲିକ ଓ ସମ୍ପାଦିକା ଭାବେ ସବିତା ମଲିକଙ୍କୁ ଚୟନ କରାଯାଇଥିଲା। ଏଥିରେ ସହଯୋଗୀ ବସୁନ୍ଧରା ଅନୁଷ୍ଠାନର କର୍ମକର୍ତ୍ତା ସମେତ ଦଳପଡ଼ା ଏମ୍ ବି କେ ଦୀପ୍ତିମୟୀ ମଲିକ ଓ ଖଜୁରୀପଡ଼ା, ଫୁଲବାଣୀ ଓ ଚକାପାଦ ବ୍ଲକର ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ସର୍ଗିଫୁଲ ମହିଳା ସଂଘ ସଦସ୍ୟ/ସଦସ୍ୟା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।



### ଫୁଲବାଣୀରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ସ୍ୱାସ୍ଥ୍ୟ ସମସ୍ୟା ନେଇ ଆଲୋଚନା

**ଫୁଲବାଣୀ, ୩୦।୬(ସମିସ):** ସମ୍ବଲପୁରରୁ ବ୍ରହ୍ମପୁର ଯିବା ସମୟରେ ରବିବାର ମଧ୍ୟାହ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗଙ୍କୁ ଫୁଲବାଣୀ ମେଗା ନର୍ସରୀ ନିକଟରେ ଜଙ୍ଗଲ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଜେପି ପକ୍ଷରୁ ମଧ୍ୟ ମନ୍ତ୍ରୀଙ୍କୁ ସ୍ୱାଗତ କରାଯିବା ସହିତ ଫୁଲବାଣୀ ବିଧାୟକ ଉମାଚରଣ ମଲିକ, ବରିଷ୍ଠ ବିଜେପି ନେତା ଭଗବାନ ମହାନ୍ତି, ଲିଙ୍ଗରାଜ ଦଳବେହେରା ଓ ଅନ୍ୟମାନେ ମନ୍ତ୍ରୀଙ୍କୁ କନ୍ଧମାଳ ଜିଲ୍ଲାରେ ଡାକ୍ତର ଅଭାବ ସହିତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଉପରେ ଅବଗତ କରାଇଥିଲେ। କନ୍ଧମାଳ ଜିଲ୍ଲାରେ ଅନେକ ଡାକ୍ତର କାଗଜ କଲମରେ ଚାକିରି କରୁଛନ୍ତି। ସେମାନେ ଅନ୍ୟ ସ୍ଥାନରେ ରହୁଥିବା ନେଇ ତଥ୍ୟ ପ୍ରକାରେ ଦଳ ପକ୍ଷରୁ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସେହିଭଳି ମେଡ଼ିକାଲ୍ କଲେଜ ତୁରନ୍ତ କାର୍ଯ୍ୟକାରୀ କରିବା ନେଇ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ସ୍ୱାସ୍ଥ୍ୟବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଏଠାରେ ସ୍ୱାସ୍ଥ୍ୟ ଦିଗ ଉପରେ ଆଲୋଚନା କରିବା ପରେ ମନ୍ତ୍ରୀ ବ୍ରହ୍ମପୁର ଗସ୍ତ କରିଥିବା ବେଳେ ତୁରନ୍ତ ସେ କନ୍ଧମାଳ ଜିଲା ଗସ୍ତରେ ଆସି ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା କରିବା ସହିତ ପଦକ୍ଷେପ ଉପରେ ପ୍ରତିଶ୍ରୁତି ଦେଇଥିବା ଦଳୀୟ ସୂତ୍ରରୁ ପ୍ରକାଶ। ମନ୍ତ୍ରୀଙ୍କ ଅଚାନକ ଗସ୍ତକୁ ନେଇ ରବିବାର ଯେଉଁ ରାସ୍ତା ଦେଇ ସେ ବ୍ରହ୍ମପୁର ଗସ୍ତ କରିଥିଲେ ସେହି ରାସ୍ତା ମାନଙ୍କରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକ ବେଶ୍ ତତ୍ପର ହୋଇପଡ଼ିଥିଲା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।



## ଶିଶୁକନ୍ୟାକୁ ଜନ୍ମଦେବା ପରେ ମା'ର ମୃତ୍ୟୁ

**ଫିରିଙ୍ଗିଆ, ୩୦।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ କନ୍ୟାକୁ ଜନ୍ମ ଦେବାପରେ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସୋନପୁର ପଞ୍ଚାୟତର ରମେଶ ପାଟିଲଙ୍କ ସ୍ତ୍ରୀ ସୁମି ପାଟିଲ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ରବିବାର ସକାଳେ ମହିଳାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ପ୍ରଥମେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବାଲିଗୁଡାରେ ମହିଳା ଜଣକ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ବାଲିଗୁଡାରେ ଡାକ୍ତରରଙ୍କ କହିବା ଅନୁସାରେ ରକ୍ତହୀନତା ଯୋଗୁଁ ଶିଶୁ କନ୍ୟାକୁ ଜନ୍ମ ଦେବା ପରେ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗରୁତର ହୋଇପଡ଼ିବାରୁ ଚିକିତ୍ସା ପାଇଁ ତାଙ୍କୁ ବାଲିଗୁଡ଼ାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସରେ ନିଆଯିବା ବାଟରେ ଫିରିଙ୍ଗିଆ ପାଖାପାଖି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହୋଇଯାଇଥିଲା। ଅବସ୍ଥାକୁ ଦେଖି ବାଧ ହୋଇ ପରିବାର ଲୋକେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ନବଜାତ ଶିଶୁର ସ୍ୱାସ୍ଥ୍ୟବସ୍ଥା ଠିକ ଥିବାବେଳେ ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସା ଜାରିରହିଥିବା ଜଣାପଡ଼ିଛ। ଘଟଣା ସମ୍ପର୍କରେ ଖବର ପାଇ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ପ୍ରିୟରଞ୍ଜନ ନାଏକ ଘଟଣାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛନ୍ତି।

### ଗ୍ରାମାଞ୍ଚଳ କ୍ରିକେଟ୍ ପ୍ରତିଯୋଗିତା

## ନିଲୁଙ୍ଗିଆକୁ ପରାସ୍ତ କରି ଶ୍ରୀରାମପଦା ଚାମ୍ପିଅନ



**ଜି.ଉଦୟଗିରି, ୩୦।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ନିଲୁଙ୍ଗିଆ କ୍ରିକେଟ ଟିମକୁ ହରାଇ ଶ୍ରୀରାମପଦା ଚାମ୍ପିଅନ ହୋଇଛି। ଉଦଯାପନ ଉତ୍ସବରେ ଅତିଥି ଭାବେ କଳିଙ୍ଗାର ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକ, ଲକ୍ଷ୍ମୀକାନ୍ତ ପ୍ରଧାନ, ଯୋଶୀ ଦିଗାଲ ଓ ପବନ କୁମାର ଦିଗାଲ ଯୋଗ ଦେଇଥିଲେ। ୧୬ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଗତ ୧୨ ତାରିଖରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲ। ଟୁର୍ଣ୍ଣାମେଣ୍ଟର ସଭାପତି ଶିଶିର ଦେହୁରୀ, ସମ୍ପାଦକ ସତ୍ୟବ୍ରତ ଦେହୁରୀ, କୋଷାଧ୍ୟକ୍ଷ ଅମିତ୍ ନାୟକ ଏବଂ କଳିଙ୍ଗାର ବହୁ ଯୁବକଙ୍କ ସହଯୋଗ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଶ୍ରୀରାମପଦା ଟିମର ମୁକେଶ କୁମାର ଏବଂ ମ୍ୟାନ ଅଫ ଦି ସିରିଜ୍ ଭାବେ ନିଲୁଙ୍ଗିଆ ଦଳର ରାଜା ପୁରସ୍କୃତ ହୋଇଥିଲେ। ବିଜେତା ଭାବେ ଶ୍ରୀରାମପଦା ଦଳ ଏବଂ ଉପବିଜେତା ଭାବେ ନିଲୁଙ୍ଗିଆ ଦଳକୁ କପ୍ ସହିତ ପୁରସ୍କୃତ ରାଶି ପ୍ରଦାନ କରାଯାଇଥିଲା।

## ମୁଜାଗଡ଼ ବନାଞ୍ଚଳକୁ ଫେରିଲା ବାଟବଣା ଦନ୍ତା

**ଜି.ଉଦୟଗିରି, ୩୦।୬(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ନିକଟସ୍ଥ କଳିଙ୍ଗା, ମାଲିକପଡ଼ି ପଞ୍ଚାୟତରେ ହାତୀ ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ ହେବା ସହିତ ବହୁ ଘର ଭାଙ୍ଗିଥିଲା। ଏହା ସହିତ ହାତୀ ଆକ୍ରମଣରେ ଜଣେ ଆହତ ମଧ୍ୟ ହୋଇଥିଲେ। ଭୟରେ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରୁ ନ ଥିବା ବେଳେ ଜଙ୍ଗଲକୁ ଯିବା ଭୟ କରୁଥିଲେ। ଏଥିଯୋଗୁଁ ପ୍ରଭାବିତ ହୋଇଥିଲା ଜୀବନ ଜୀବିକା। ୪୪ ଦିନ ହେଲା ୨୫ ଟିକିଆ ହାତୀପଲ ଉପଦ୍ରବ କରୁଥିବା ବେଳେ ଏବେ ସେ ଭୟ ଦୂର ହୋଇଛି। ୨୫ଟିକିଆ ହାତୀପଲରୁ ୨୪ ହାତୀ ୫ ଦିନ ପୂର୍ବେ ପଳାଇଯାଇଥିବା ବେଳେ ଗୋଟିଏ ଦନ୍ତା ବାଟବଣା ହୋଇ ରହିଯାଇଥିଲା। ଏହି ବଟବଣା ହାତୀ ଜି. ଉଦୟଗିରି ବନାଞ୍ଚଳ ଛାଡି ମୁଜାଗଡ଼ ବନାଞ୍ଚଳ ଅନ୍ତର୍ଗତ ରମ୍ଭା ସେକ୍ସନର ଦରପାଙ୍ଗିଆ ସଂରକ୍ଷିତ ଜଙ୍ଗଲକୁ ପଳାଇଥିବା ବନବିଭାଗ କହିଛି। ଶନିବାର ଭୋରରେ ଜି.ଉଦୟଗିରି ବନ୍ୟାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ, ପାରା ଗାର୍ଡ ଓ ସାତ ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ହାତୀକୁ ଦରପଙ୍ଗିଆ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।୨୫ ଟିକିଆ ହାତୀପଲରୁ ଗୋଟିଏ ଦନ୍ତା ବାଟବଣା ହୋଇ ରହିଯାଇଥିବାରୁ ନିଜ ଦଳକୁ ନ ପାଇ ଉପଦ୍ରବ କରିବା ସହ କିଛି ଘରକୁ ଭାଙ୍ଗି ଦେଇଥିବା ବେଳେ ଗ୍ରାମବାସୀ ଭୟ ଓ ଆତଙ୍କିତରେ ଥିଲେ। ବର୍ତ୍ତମାନ ଦନ୍ତା ଫେରିଯିବା ଫଳରେ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି। ବିଗତ ବର୍ଷ ମଧ୍ୟ ୧୮ ଟିକିଆ ହାତୀପଲ୍ଲ ୧୮ ଦିନ ଧରି ଉପଦ୍ରବ କରିଥିଲେ।





### ଖରାବର୍ଷାକୁ ନାହିଁ ଖାତିରି

# ରାସ୍ତା କଡ଼ରେ ପରିବା ହାଟ







**ଗୁମ୍ମା, ୩୦।୬(ସମିସ)**

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ହେଲେ ପନିପରିବା ବିକ୍ରବଟା କରୁଥିବା ଆଦିବାସୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଆଦିବାସୀଙ୍କ ବାରି ପନିପରିବା ସହିତ ଜୈବିକ ପଦ୍ଧତି ପନିପରିବାରର ଚାହିଦା ରହିଛି। ଗୁମ୍ମା ବ୍ଲକ ଛକରେ ଦୀର୍ଘଦିନ ଧରି ଆଖପାଖ ଅଞ୍ଚଳରୁ ଆଦିବାସୀ ମୁଖ୍ୟ ରାସ୍ତା କଡରେ ପନିପରିବା ବିକ୍ରି କରି ଆସୁଛନ୍ତି। ଏଠାରେ ପନିପରିବାର ବିକ୍ରିବଟା କରିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନ ଥିବାରୁ ଖରା ବର୍ଷାରେ ରାସ୍ତାକଡରେ ବିକ୍ରିବଟା କରିଥାଆନ୍ତି। ଏହି ଛକରେ ଗଛ ଥିବାରୁ ଖରାଦିନେ ଛତା ଟାଙ୍ଗି ବିକ୍ରିବଟା କରନ୍ତି। ବର୍ତ୍ତମାନ ବର୍ଷା ଦିନ ହେଉଥିବାରୁ ବହୁ କଷ୍ଟରେ ବିକ୍ରିବଟା କରୁଥିବା ଦେଖିବାକୁ ମିଳୁଛି। ପନିପରିବା ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଆରଏମସି ପକ୍ଷରୁ ଶୀତଳଭଣ୍ଡାର ଓ ମାର୍କେଟ ପରସର ଜନଗହଳି ଠାରୁ ବହୁ ଦୂରରେ ରହିଥିବା ବେଳେ ବ୍ଲକ ଛକ ନିକଟରେ ହିଁ ସକାଳୁ ରାତି ଯାଏ ସଜ ପନିପରିବା ମିଳିଥାଏ। ଏହି ଛକରେ ପାହାଡ଼ରୁ ଆଦିବାସୀ ସପୁରୀ, କଦଳୀ, ଲେମ୍ବୁ, ଟମାଟ, ବାଇଗଣ, ବାଡ଼ିକନ୍ଦା, ସଜନାଛୁଇଁ, ଆମ୍ବ, ପଣସ ଭଳି ଅନେକ ଦେଶୀ ସାମଗ୍ରୀ ଆଣି ବିକ୍ରି କରିଥାନ୍ତି। ଏଠାରେ ବର୍ଷା ଯୋଗୁଁ ବିକ୍ରିବଟା କରିବା କଷ୍ଟକର ହୋଇପଡ଼ିଛି। କିଛି ଦିନ ଧରି ଝିପି ଝିପି ବର୍ଷା ଲାଗି ରହିବା ସହ ବର୍ଷା ଋତୁରେ ଏମାନଙ୍କ ଭାଗ୍ୟ ବର୍ଷା ଉପରେ ବନ୍ଧା ପଡ଼ିଥିବା ପରିଲକ୍ଷିତ ହେଉଛି। ପେଟ ପାଟଣା ପାଇଁ କଷ୍ଟ ସହିବାର ଅଛି ବୋଲି ବବିଲା କାର୍ଜି, ନୋହର ଗମାଙ୍ଗ, ଏଲିନା ଶବର, ମୋଇବିତା ଗମାଙ୍ଗ ଓ ଗୀତାଞ୍ଜଳି ମଣ୍ଡଳ କହିଛନ୍ତି। ସମସ୍ୟା ସମ୍ପର୍କରେ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇବା ସହ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

**ରଥଯାତ୍ରା ପାଇଁ ପ୍ରଶାସନିକ ବୈଠକ**

# ବଡ଼ଦାଣ୍ଡରୁ ଉଚ୍ଛେଦ ହେବ ଜବରଦଖଲ



ଖଲ୍ଲିକୋଟ, ୩୦।୬(ସମିସ): ରଥ ଯାତ୍ରା ପାଳନ ନେଇ ପ୍ରଶାସନିକ ବୈଠକ ସ୍ଥାନୀୟ ବ୍ଲକ ସଭାଗୃହରେ ତହସିଲଦାର ଶ୍ରୀକୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, ବିଡିଓ ଦେବାଶିଷ ସାମଲ, ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗନ୍ତାୟତ, ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ, ମନ୍ଦିର କମିଟି ସଦସ୍ୟ ଆଇନଜୀବୀ ସୁଧାଂଶୁ ଶେଖର ସାହୁ, ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଚିତ୍ତରଞ୍ଜନ ମଲ୍ଲିକ, ଅବକାରୀ ଅଧିକାରୀ ଦେବସ୍ମିତା ସାମଲ, ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଶତପଥି, ଖଲ୍ଲିକୋଟ ଆରଆଇ ମୀନକେତନ ଶବର, ଅଗ୍ନିଶମ ସେବା ଅଧିକାରୀ ସୁଧାକର ନାୟକଙ୍କ ସମେତ ପୂର୍ତ୍ତ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସମସ୍ତ ଲାଇନ ଅଫିସର ମାନେ ଉପସ୍ଥିତ ଥିଲେ। ରଥ ଟଣା ନୀତି ନିର୍ଘଣ୍ଟ, ଟ୍ରାଫିକ ବ୍ୟବସ୍ଥା ସମେତ ଯାତ୍ରୀ ମାନଙ୍କ ନିରାପତ୍ତା ଓ ପାନୀୟ ଜଳ, ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଅଗ୍ନିଶମ ବାହିନୀର ପାଣି ସିଞ୍ଚନ, ସ୍ୱାସ୍ଥ୍ୟକେନ୍ଦ୍ର ସଜାଗ ରଖିବା ଓ ଗୁଣ୍ଡିଚା ମଣ୍ଡପ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡରେ ଉଭୟ ପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା, ରଥ ଯାତ୍ରା ଆରମ୍ଭରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ବଡଦାଣ୍ଡରେ ଆମିଷ ବିକ୍ରି ବନ୍ଦ କରିବା ନେଇ ଆଲୋଚନା ହୋଇଥିଲା। ସେହପରି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଓ ଏକାଦଶୀ ତିଥିରେ ସିଂହଦ୍ୱାର ଆଗରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ବିଗତ ବର୍ଷ ଭଳି ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପରିସରରେ ଅଭଡ଼ା ଅନ୍ନ ବ୍ୟବସ୍ଥା ଆସନ୍ତା କାର୍ତ୍ତିକ ମାସ ପୂର୍ବରୁ ଆରମ୍ଭ କରିବା ଓ ମନ୍ଦିର ଏବଂ ମେଘନାଦ ପାଚେରୀର ସୁରକ୍ଷା ଓ ମରାମତି, ରଙ୍ଗ ଦିଆଯିବା ସମେତ ମନ୍ଦିର ପୂଜା ନୀତି ଓ ଆନୁସଙ୍ଗିକ ବିକାଶ ପାଇଁ ବୈଠକରେ ଆଲୋଚନା ହୋଇଥିଲା।

## ବୁଗୁଡ଼ା ମିଡ଼ିଆ କ୍ଲବ୍‌ର ସାଧାରଣ ବୈଠକ



ବୁଗୁଡ଼ା, ୩୦।୬(ସମିସ): ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ବୁଗୁଡ଼ା ମିଡ଼ିଆ କ୍ଲବର ଏକ ସାଧାରଣ ବୈଠକ ସଭାପତି ଅନିଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆୟବ୍ୟୟର ସମୀକ୍ଷା, ଆଗାମୀ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତି ସହ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ଅନିଲ ପଟ୍ଟନାୟକ ଓ ଉପସଭାପତି ଭାବେ ମନୋରଞ୍ଜନ ଦାଶ ମନୋନୀତ ହୋଇଥିବା ବେଳେ ପ୍ରଫୁଲ୍ଲ କୁମାର ପଟ୍ଟନାୟକ-ସମ୍ପାଦକ, ହର ପ୍ରସାଦ ପାଢ଼ୀ-ସହସମ୍ପାଦକ, ବିଶ୍ୱମୋହନ ମିଶ୍ର କୋଷାଧକ୍ଷ ଓ କାଳୀଚରଣ ଦାଶ-ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ବୈଠକରେ ସଦସ୍ୟ ଅଭୟ ପ୍ରସାଦ ପାଣିଗ୍ରାହୀ, ସଞ୍ଜିବ କୁମାର ତ୍ରିପାଠୀ, ଏସ୍.ଶିବ ପ୍ରସାଦ ଦୋରା ଉପସ୍ଥିତ ଥିଲେ। ରାମ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**● ବାଇକ୍‌କୁ ଧକ୍କା ଦେଲା କାର**

## ମାଆ, ଝିଅ ଓ ପୁତୁରା ଗୁରୁତର



ଖଲ୍ଲିକୋଟ, ୩୦।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟରାଜପଥର ସିଙ୍ଗଡ଼ାପଲ୍ଲୀରେ ଗୋଟିଏ ବାଇକକୁ କାର ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ମା, ଝିଅ ଓ ପୁତୁରା ଗୁରୁତର ଆହତ ହୋଇଥିଲେ। ବେଗୁନିଆପଡ଼ା ଥାନା କୁମାରିପାରି ଗ୍ରାମର ସୀମାଲୁ ବେହେରା (୪୫), ତାଙ୍କ ଝିଅ ଶୁଭସ୍ମିତା ବେହେରା(୧୭) ଓ ପୁତୁରା ପ୍ରବୀଣ ବେହେରା (୧୯) ବାଇକନଂ(ଓଡି୩୩ ୱାଇ-୫୪୩୬) ଯୋଗେ ଖଲ୍ଲିକୋଟ ଥାନା ସିଙ୍ଗଡ଼ାପଲ୍ଲୀ ଗ୍ରାମରେ ଥିବା ନୃସିଂହ ମନ୍ଦିରକୁ ପୂଜାର୍ଚ୍ଚନା କରିବା ପାଇଁ ଆସିଥିଲେ। ସେଠାରେ କାମ ଶେଷ କରି ଦିନ ୧୧ଟାରେ ନିଜ ଗ୍ରାମକୁ ଫେରୁଥିବାବେଳେ ହଠାତ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକରୁ ଛିଟିକି ପଡ଼ି ୩ ଜଣ ଯାକ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଖଲ୍ଲିକୋଟ ମେଡିକାଲକୁ ଅଣାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି।

## କୁର୍ମି କ୍ଷତ୍ରିୟ ସଂସ୍ଥାର ପୂର୍ଣ୍ଣାଙ୍ଗ ବୈଠକ



ଜଗନ୍ନାଥପ୍ରସାଦ, ୩୦।୬(ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଛାମୁଣ୍ଡାରେ ଆଜି ନିଖିଳ ଉତ୍କଳ କୂର୍ମି କ୍ଷତ୍ରିୟ ସଂସ୍ଥା, ଛାମୁଣ୍ଡା ଅଞ୍ଚଳ ତରଫରୁ ପୂର୍ଣ୍ଣାଙ୍ଗ ବୈଠକ ସଭାପତି ଅକ୍ଷୟ କୁମାର ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କୁଳର ଜାତୀୟ ପତାକାକୁ ସଭାପତି ଉତ୍ତୋଳନ କରିଥିଲେ ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କୁଳ ସଙ୍ଗୀତ ଗାନ ଓ ବିଭୁ ପ୍ରାର୍ଥନା କରିଥିଲେ। କୁଳାଧିକାରି ଅନ୍ତର୍ଯ୍ୟାମୀ ପ୍ରଧାନ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ ସଭାପତି ସୂର୍ଯ୍ୟ ନାରାୟଣ ପ୍ରଧାନ ଓ ପ୍ରଦେଶ ସମ୍ପାଦକ ବିଶ୍ୱନାଥ ରାଉତ ଯୋଗଦେଇ କୂର୍ମି କ୍ଷତ୍ରିୟ ସଂସ୍ଥା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଉନ୍ନତି ଓ ନାରୀ ଶିକ୍ଷା ଉପରେ କାର୍ଯ୍ୟ କରୁଥିବାରୁ ଅଞ୍ଚଳ ସଦସ୍ୟ ମାନଙ୍କୁ ପ୍ରଶଂଶା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳ ସମ୍ପାଦକ ଶ୍ରୀ ବଂଶୀଧର ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ସାଂଗଠନିକ ଆଲୋଚନା ହୋଇଥିଲା ଯଥା ଶିକ୍ଷାବୃତ୍ତି ପ୍ରଦାନ, ରକ୍ତଦାନ ଶିବିର ଆୟୋଜନ। କାର୍ଯ୍ୟକ୍ରମରେ ପ୍ରଦେଶ ସଭ୍ୟ ବିପ୍ର ଚରଣ ନାୟକ, ସୂର୍ଯ୍ୟନାରାୟଣ ନାୟକ, ଗଙ୍ଗାଧର ନାୟକ, ବଂଶୀଧର ନାୟକ, ବାଇଧର ନାୟକ, ଆଇନ ପରାମର୍ଶଦାତା ବିନାୟକ ପ୍ରଧାନ, ସହ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ସାଂଗଠନିକ ସମ୍ପାଦକ ଓମ୍ ପ୍ରକାଶ ପ୍ରଧାନ, କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ୭୧ ଗ୍ରାମର କୂର୍ମୀ କ୍ଷତ୍ରିୟ ଗ୍ରାମ୍ୟ ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇଥିଲେ। ଶେଷରେ ଉପ-ସଭାପତି ଉପେନ୍ଦ୍ର ଭଞ୍ଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାମୁଣ୍ଡା ଗାଁ ସଭାପତି ଧବଳେଶ୍ୱର ପ୍ରଧାନ ଓ ଉପ-ସଭାପତି ସୁଶାନ୍ତ ପ୍ରଧାନ ଓ ସହ-ସମ୍ପାଦକ ଆଦିତ୍ୟ ନାୟକ, ଭାବସର ସମ୍ପାଦକ ସରୋଜ କୁମାର ନାୟକ ଓ ଅଞ୍ଚଳ ପାଇକ ନାରାୟଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ବିଷାକ୍ତ ଛତୁ ଖାଇ ୧୧ ଅସୁସ୍ଥ

ଭଞ୍ଜନଗର, ୩୦।୬ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅଧିନ ବଡବାରବା ପଞ୍ଚାୟତର ପାର୍ତ୍ତିଗୁଡା ଗ୍ରାମରେ ବିଷାକ୍ତ ଛତୁ ଖାଇ ୧୧ ଜଣ ଅସୁସ୍ଥ ହୋଇଛନ୍ତି। ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ରହିଛନ୍ତି।

ସୂଚନାନୁସାରେ, ରବିବାର ସକାଳୁ ଗ୍ରାମର କିଛି ଲୋକ ନିକଟସ୍ଥ ଜଙ୍ଗଲକୁ ଛତୁ ଆଣି ଘରେ ରୋଷେଇ କରିଥିଲେ। ମଧ୍ୟାହ୍ନରେ ଭୋଜନ ପରେ ଗାଁର ଭଜମନ ନାୟକ, କୋରା ନାଇକ ଓ ତ୍ରୟୋନାଥ ନାୟକଙ୍କ ପରିବାରର ପବିତ୍ର ନାୟକ (୭),ହରପ୍ରିୟା ନାଇକ (୧୨),ଆଦର୍ଶ ନାୟକ (୮),ରାନି ନାୟକ (୨),କାମିନି ନାୟକ (୨୨) ,ଇନ୍ଦ୍ରା ନାୟକ, କୁନ୍ଦନ ନାୟକ (୫୬), ସନ୍ଧ୍ୟା ନାଇକ, ସୁଦାମ ନାୟକ, ଜହନ ନାୟକ (୮), କାଜଲ ନାୟକ (୧୮) ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ଡାକି ସମସ୍ତ ଅସୁସ୍ଥଙ୍କୁ ନିକଟସ୍ଥ ଭଞ୍ଜନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। କାମିନି, ସନ୍ଧ୍ୟା, କାଜଲ ଓ କୁନ୍ଦନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନେ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

**ରାମାୟଣାଆମ୍ନାଙ୍କ ଯାତ୍ରା**

## ଭଜନ ସମାରୋହ ଓ ପ୍ରସାଦ ବଣ୍ଟନ




ଛତ୍ରପୁର, ୩୦।୬(ସମିସ): ଛତ୍ରପୁର ସ୍ଥିତ ମା' ରାମାୟଣଆମ୍ନାଙ୍କ ଏକମାସ ବ୍ୟାପି ଯାତ୍ରାର ଶେଷ ଦିବସରେ ମା' ରାମଚଣ୍ଡୀ ମନ୍ଦିର ପୂଜାକମିଟି ତରଫରୁ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ ଓ ଦାରୁବ୍ରହ୍ମ ଭଜନ ସମାରୋହ ତରଫରୁ ଏକ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଛତ୍ରପୁରର ପୂର୍ବତନ ବିଧାୟକ ତଥା, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଛତ୍ରପୁରର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାର ପୂର୍ବତନ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ବର୍ତ୍ତମାନ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ଡେପୁଟି କମିଶନର ବିନୋଦ କୁମାର ବେହେରା, ଛତ୍ରପୁର ସରକାରୀ ଆଇଟିଆଇ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, କ୍ୟାଡର ଏପିପି ରାଜେଶ କୁମାର ମିଶ୍ର, ମନ୍ଦିର ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ସଂଯୋଜକ କମଲ ପଣ୍ଡା, ସହ ସଂଯୋଜକ ତୁଷାର ଶତପଥି, ଜୀବନ କୁମାର ମହାରଣା, ପୂଜା କମିଟିର ଉପଦେଷ୍ଟା କେ ସତ୍ୟନାରାୟଣ ରେଡ୍ଡୀ, ତ୍ରିପତି ବାଲାଜୀ ମିଶ୍ର, ସନ୍ତୋଷ ମିଶ୍ର, ପୂଜା କମିଟି ସଭାପତି ତଥା କରପଡ଼ା ସରପଞ୍ଚ ଅଜୟ ନାୟକ, କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ପୂଜା କମିଟ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ପରିଚାଳନା କମିଟ ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ରବୀନ୍ଦ୍ର ପଣ୍ଡା, ଉପସଭାପତି କ୍ଷୀରୋଦ ସାହୁ ଓ ପୂଜା କମିଟି ସମସ୍ତ ସଦସ୍ୟ ଉପସ୍ଥିତ ରହି ପ୍ରସାଦ ବଣ୍ଟନ କରିଥିଲେ। ଅନୁରୂପ ଭାବେ ସନ୍ଧ୍ୟା ସମୟରେ ସୁବାରାଓ କମ୍ପ୍ଲେକ୍ସ ସମ୍ମୁଖରେ ମଧ୍ୟ ଭକ୍ତଙ୍କ ପାଇଁ ଅଶୋକ ସେନାପତି, ସାଗର ଦଳାଇ ଓ ଅନ୍ୟମାନଙ୍କ ତରଫରୁ ବିଶାଳ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା।

## ଗୋ ମାଂସ ବୋଝେଇ କଣ୍ଟେନର ଜବତ



ଛତ୍ରପୁର, ୩୦।୬(ସମିସ): ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅଧୀନ ଜାତୀୟ ରାଜପଥ ମାଣ୍ଡିଆପଲ୍ଲୀ ଛକ ନିକଟରେ ଏକ କଣ୍ଟେନର ଯୋଗେ ବିପୁଳ ପରିମାଣର ଗୋ-ମାଂସ ଧରି ଖୋର୍ଦ୍ଧାରୁ ବିଶାଖାପାଟନମ୍ ଯାଉଥିବାବେଳେ ବଜରଙ୍ଗ ଦଳ କର୍ମୀ ଅଟକାଇଥିଲେ। ପରେ ପୁଲିସକୁ ଖବର ଦେଇଥିଲେ। ଉକ୍ତ କଣ୍ଟେନରରୁ ଗୋ' ମାଂସ ଥିବା ପ୍ୟାକେଟ ମିଳିଥିଲା। ସ୍ଥାନୀୟ ବାସିନ୍ଦା ଓ ବଜରଙ୍ଗ ଦଳ ପକ୍ଷରୁ ଗାଡ଼ି ଚାଳକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହା କେବଳ ଆଜିର ଘଟଣା ନୁହେଁ। ବାରମ୍ବାର ଏହିଭଳି ଘଟଣା ଦେଖିବାକୁ ମିଳୁଛି। କିଏ ଏହି ଗୋ' ମାଂସ ଚାଲାଣର ମାଷ୍ଟରମାଇଣ୍ଡ ତାଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ବାସିନ୍ଦା ଓ ବଜରଙ୍ଗ ଦଳ ଦାବି କରିଛନ୍ତି।

## ବ୍ରହ୍ମାକୁମାରୀ ପକ୍ଷରୁ ଚୈତନ୍ୟ ନବଦୁର୍ଗା ଦର୍ଶନ



ଛତ୍ରପୁର, ୩୦।୬(ସମିସ): ଛତ୍ରପୁର ବ୍ରହ୍ମକୁମାରୀସ୍ ଶାନ୍ତି ଅନୁଭୂତି ଭବନ ତରଫରୁ ଆୟୋଜିତ ଚୈତନ୍ୟ ଝାଙ୍କିରେ ନବଦୁର୍ଗା ବେଶ ଦର୍ଶନ କରିବାକୁ ମିଳିଥିଲା। ଛତ୍ରପୁର ଉପ ସେବାକେନ୍ଦ୍ର ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ବିଜୟା ଲକ୍ଷ୍ମୀ ଭଉଣୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ ଯୋଗଦେଇଥିଲେ। ଏହି ନବଦୁର୍ଗା ଝାଙ୍କି ର ମହତ୍ତ୍ୱ ଏହାଥିଲା ଯେ ସ୍ୱୟମ ପରମପିତା ପରମାତ୍ମା ଏହି ଧରାପୃଷ୍ଠରେ ଅବତରଣ କରି ଯେଉଁ ଅଲୌକିକ ଶିକ୍ଷା ସହ ସହଜ ରାଜଯୋଗର ଅଭ୍ୟାସ କରାଉଛନ୍ତି ତାହା ଆଗାମୀ ସତ୍ୟଯୁଗରେ ଆମେ ଦେବୀ ଦେବତା ରୂପରେ ଜନ୍ମ ଗ୍ରହଣ କରିବା। ହିଞ୍ଜିଳି କାଟୁ ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ହେମଲତା ଭଉଣୀ ଅତିଥିଙ୍କୁ ଈଶ୍ୱରୀୟ ଉପହାର ଦେଇଥିବା ବେଳେ ମଞ୍ଚ ପରିଚାଳନା ବ୍ରହ୍ମାକୁମାର ବାଳକୃଷ୍ଣ ଭାଇ କରୁଥିଲେ। ଏହି ଝାଙ୍କିରେ ନବଦୁର୍ଗା ବେଶରେ ବ୍ରହ୍ମକୁମାରୀ ଝୁନା, ଗାୟତ୍ରୀ, କନକା, କଲ୍ୟାଣୀ, ବୁଲି, ଗୀତା, ପ୍ରତିମା, ଶ୍ରୀମତୀ, ଦୀପ୍ତି, ମୁତିଆଲୁ ଓ ଭାଗ୍ୟ ଅଭିନୟ କରିଥିବା ବେଳେ ବିଭିନ୍ନ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ ଭଉଣୀ ମାମା, ଦୀପା ଶିବାନୀ, ପୂଜା, ଲିଜା, ଭାଇ ଲକ୍ଷ୍ମଣ, କେଶବ। ବ୍ରହ୍ମାକୁମାର ରଜନୀ, ଶାନ୍ତନୁ, ସୂର୍ଯ୍ୟ, ଗୋପାଳ, କବିରାଜ, କୈଳାଶ, ସୁରେନ୍ଦ୍ର ଭାଇ ପ୍ରମୁଖ ସହଯୋଗ କରିଥିଲେ।

## ଚିନିଶିଳ୍ପ ପରିଚାଳନା ପରିଷଦର ବୈଠକ



ଆସିକା, ୩୦।୬(ସମିସ): ଆସିକା ଚିନିଶିଳ୍ପ ସମ୍ମିଳନୀ କକ୍ଷରେ ୮ ଦଫା ଦାବି ନେଇ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ପରିଚାଳନା ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିବା କାର୍ଯ୍ୟକୁ ଦୃଢ଼ୀକରଣ, ପୂର୍ବ ବୈଠକର ବିବରଣୀକୁ ପଠନ କରି ଦୃଢ଼ୀ କରଣ କରାଗଲା, ଆଖୁ ଚାଷୀର ବହୁଳ ପ୍ରସାର ପାଇଁ ଚାଷୀ ମାନଙ୍କୁ ସରକାର ଦେଉଥିବା ଇନପୁଟ ସବ ସିଡ ଅର୍ଥ ଜିଲ୍ଲା ମୁଖ୍ୟ ଅଧିକାରୀ ପରିବର୍ତ୍ତେ ଆସିକା ସମବାୟ ଚିନି କଳକୁ ସିଧା ସଳଖ ପ୍ରଦାନ କରିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ପରିଚାଳନା ନିର୍ଦ୍ଦେଶକ ପ୍ରମୋଦ କୁମାର ପୃଷ୍ଟି, ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ବରାଡ଼, ସନ୍ତୋଷ ପ୍ରଧାନ, ଉଦୟନାଥ ପ୍ରଧାନ, ଶରତ ପ୍ରଧାନ, ବସନ୍ତ ଦଳେଇଙ୍କ ସମେତ ସମସ୍ତ ନିର୍ଦ୍ଦେଶକମାନେ ଉପସ୍ଥିତ ରହିଥିଲେ। ସଭାପତି ରବୀନ୍ଦ୍ର ପଣ୍ଡା ସୂଚନା ପ୍ରଦାନ କରିଥିଲେ।

## ଗୋପାଳ ସମାଜର କର୍ମକର୍ତ୍ତା ଚୟନ

ଜଗନ୍ନାଥପ୍ରସାଦ, ୩୦।୬(ସମିସ): ଘୁମୁସର ତାଲୁକା ଅନ୍ତର୍ଗତ କଲ୍ୟାଣପୁର ଗୋପାଳ ସମାଜ ଭବନରେ ପୂର୍ବଗଡ଼ ତାଳମୁଠାର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଭାପତି ଭାବେ ମନୋଜ କୁମାର ପ୍ରଧାନ, ଉପସଭାପତି ସତ୍ୟବାଦୀ ଗୌଡ଼, ସମ୍ପାଦକ ଚିତ୍ତରଞ୍ଜନ ଗୌଡ଼, ସହ ସମ୍ପାଦକ ଆକୁଳଭଞ୍ଜନ ଗୌଡ଼, କୋଷାଧକ୍ଷ ରଙ୍କନିଧି ଗୌଡ଼, ଉପଦେଷ୍ଟା କୃଷ୍ଣଚନ୍ଦ୍ର ଗୌଡ଼ ଓ ପୁରସ୍ତମ ଗୌଡ଼, ତାଲୁକା ସଭ୍ୟ ପ୍ରଫୁଲ ଗୌଡ଼, ସନ୍ୟାସୀ ଗୌଡ଼, ଅଡିଟର ଶୁଭେନ୍ଦୁ ଗୌଡ଼, ଭାଗିରଥି ଗୌଡ଼, ପାଇକ ନାରାୟଣ ଗୌଡ଼, ଆଗ ପତରିଆ ତ୍ରିନାଥ ଗୌଡ଼, ମହାଖୁଡ଼ ଭାବେ ଚନ୍ଦ୍ରମଣି ଗୌଡ଼ଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ତାଲୁକା ସଭାପତି ଶିବଶଙ୍କର ପ୍ରଧାନ ଓ ଉପସଭାପତି ପ୍ରଫୁଲ ପ୍ରଧାନ ପରିଚଳନା କରିଥିଲେ। ଏଥିରେ ଅଞ୍ଚଳର ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

## ପ୍ରଗତିଶୀଳ ଗଣତାନ୍ତ୍ରିକ ସାମ୍ମୁଖ୍ୟ ଗଠିତ

ଭଞ୍ଜନଗର, ୩୦।୬(ସମିସ): ସ୍ଥାନୀୟ ହାଇସ୍କୁଲ ନାୟକ ଭବନ ପରିସରରେ ଓଡ଼ିଶାରେ ପ୍ରଥମ କରି ଏକ ପ୍ରଗତିଶୀଳ ଗଣତାନ୍ତ୍ରିକ ସାମ୍ମୁଖ୍ୟ ଗଠିତ ହୋଇଛି। ଏହାର ଆବାହକ ଥିଲେ ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ। ସଭାପତିତ୍ୱ କରିଥିଲେ ଅନ୍ୟତମ ବରିଷ୍ଠ ଆଇନଜୀବୀ ଦଣ୍ଡପାଣି ସ୍ୱାଇଁ। ବୈଠକକୁ ସଂଯୋଜନା କରିଥିଲେ ପ୍ରାକ୍ତନ ଓକିଲ ସଂଘ ସଭାପତି ଅଭିମନ୍ୟୁ ଗୌଡ଼। ପ୍ରଗତିଶୀଳ ଗଣତାନ୍ତ୍ରିକ ସମୁଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାମ୍ୟବାଦୀ ଦଳ ଗୁଡ଼ିକ ମଧ୍ୟରେ କିପରି ଐକ୍ୟ ପ୍ରତିଷ୍ଠା ହେବ ସେଦିଗରେ ଏହି ସାମୁଖ୍ୟ ସମସ୍ତ ଉଦ୍ୟମ କରିବ। ସାରା ଓଡ଼ିଶାରେ ଏପରି ସାମ୍ମୁଖ୍ୟ ଗଠନ କରି ରାଜ୍ୟ ଓ ଜାତୀୟ ନେତୃତ୍ୱକୁ ପ୍ରଭାବିତ କରିବ। ନିଜ ନିଜ ଅଞ୍ଚଳର ପ୍ରମୁଖ ଦାବିଗୁଡିକ ଉପରେ ଦାବି ହାସଲ ଯାଏଁ ଆନ୍ଦୋଳନ ଅବ୍ୟାହତ ରଖିବ। ବର୍ତ୍ତମାନ ପାଇଁ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ କର ଅବା ମର ଆନ୍ଦୋଳନରେ ଝାସ ଦେବ। ଓଡ଼ିଆ ଭାଷାକୁ ରାଜ୍ୟ ସରକାରଙ୍କ ପ୍ରତ୍ୟକ ଦପ୍ତରରେ ଆଗାମୀ ୬ମାସ ଭିତରେ ଲାଗୁ କରିବା ପାଇଁ ଚରମ ପତ୍ର ଦେବ। ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ନାୟକଙ୍କ ଅଧ୍ୟକ୍ଷତାରେ ଏକ ୧୫ ଜଣିଆ କମିଟି ଗଠିତ ହୋଇଛି। ଏଥିରେ ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ସାହୁଙ୍କ ସମେତ ଆସିକା ଓକିଲ ସଂଘର ଯୁବ ଆଇନଜୀବୀ ଶୁଭ୍ରମନ୍ୟୁ ରାଓ, ଚାଷୀମୁଲିଆ ନେତା ନିରାକାର ନାୟକ, ପୁରୁଖା ସାମ୍ୟବାଦୀ ନେତା ପରୁ ବିଷୋୟୀ, ଶିକ୍ଷକ ନେତା ପିତାମ୍ବର ପରିଡ଼ା, ପ୍ରତାପ କୁମାର ନାୟକ, ଟୁନା ମଲିକ, ବିପ୍ରଚରଣ ନାୟକ, ସୁରେନ୍ଦ୍ର ପଟ୍ଟନାୟକ, ଏସ. ଏନ ପ୍ରଧାନ, ହିମାଂଶୁ ପାଢ଼ୀ ପ୍ରମୁଖ ଭାଗ ନେଇଥିଲେ।




**ସରିଲା ପୋଲକାଣୁଣି ଯାତ୍ରା**

## ମନ୍ଦିରକୁ ଫେରିଲେ ସପ୍ତଠାକୁରାଣୀ



ଆସିକା, ୩୦।୬(ସମିସ): ଆସିକା ଅଞ୍ଚଳର ତ୍ରୟବାର୍ଷିକ ମା' ପୋଲକାଣୁଣି ଠାକୁରାଣୀ ଯାତ୍ରା ଉଦଯାପିତ ହୋଇଯାଇଛି। ୧୦ ଦିନ ଧରି ଅସ୍ଥାୟୀ ମଣ୍ଡପରେ ପୂଜା ପାଇ ଆସୁଥିବା ସାତ ଭଉଣୀ ଅର୍ଥାତ ସପ୍ତ ଠାକୁରାଣୀ ନିଜ ନିଜ ମନ୍ଦିରକୁ ପତ୍ୟାବର୍ତ୍ତନ କରିଛନ୍ତି। ଦେବୀମାନେ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ବେଳେ ଶ୍ରଦ୍ଧାଳୁ ଭକ୍ତ ମାନେ ଢୋଲ, ମୃଦଙ୍ଗ, ଗିନି ସହ ବାଜା ବାଜଣା ଓ ବାଣ ଫୁଟାଇ ଭାର ନେଇଥିଲେ। ଆସିକା ପ୍ରସିଦ୍ଧ ସପ୍ତଠାକୁରାଣୀ ତଥା ମା'ପୁଲକାଣୁଣିଙ୍କ ସମେତ ଦକ୍ଷିଣ ଓଡ଼ିଶାର ଆରାଧ୍ୟ ଦେବୀ ଖମ୍ବେଶ୍ୱରୀ, ଅନ୍ୟତମ ପ୍ରସିଦ୍ଧ କାଳିମୁଖୀ, ବସଷ୍ଟାଣ୍ଡ ଠାରେ ବିଜେ ବୁଢୀ ଠାକୁରାଣୀ, ଜୋକବନ୍ଧ ନିକଟରେ ବିଜେ ମାଣିକେଶ୍ୱରୀ, ସୁନାମ୍ବ ସାହିରେ ବିଜେ ବହୁ ପୁରାତନ ଗ୍ରାମ ରକ୍ଷାକାରି ତଥା ଗ୍ରାମଦେବତୀ ଓ ତାଲୁକା ବ୍ରାହ୍ମଣ ଶାସନରେ ବିଜେ ମା'ବିମଳାଙ୍କୁ ପୂଜା ଅର୍ଚ୍ଚନା ସହ ହୋମ ଯଜ୍ଞ ପୂର୍ଣ୍ଣାହୁତି ପରେ ନିଜ ନିଜ ମନ୍ଦିରକୁ ଦେବୀ ମାନେ ଫେରିଥିଲେ। ପୁଣି ଆସନ୍ତା ତିନି ବର୍ଷକୁ ଅପେକ୍ଷା କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଦେବୀମାନଙ୍କ ପ୍ରତ୍ୟାବର୍ତ୍ତନ ପରେ ଅସ୍ଥାୟୀ ମଣ୍ଡପ ଖାଁ ଖାଁ ହୋଇଛି। ପଣ୍ଡିତ ରାମକୃଷ୍ଣ ନନ୍ଦ, ପ୍ରମୋଦ ହୋତା ଓ ତାଙ୍କ ସହଯୋଗୀଙ୍କ ତତ୍ତ୍ୱାଧାନରେ ଦୀର୍ଘ ଦଶ ଦିନ ଧରି ପୂଜାର୍ଚ୍ଚନା ସମାପ୍ତ ହୋଇଥିବା ବେଳେ ଯାତ୍ରା କମିଟି, ଯୁବକ ସଙ୍ଘ ଓ ପ୍ରଶାସନକୁ ଅଞ୍ଚଳବାସି କୃତଜ୍ଞତା ଜଣାଇଛନ୍ତି।

ସକାଳ THE SAKALA



**ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ଆଜି**

# ଏମ୍‌କେସିଜି ଓ ସିଟି ହସ୍ପିଟାଲ ସ୍ଥିତିରେ ସୁଧାର ଆଣିବାକୁ ଦାବି

**ବ୍ରହ୍ମପୁର,୩୦।୬(ସମିସ):** ରାଜ୍ୟରେ ଗଠିତ ନୂଆ ସରକାରରେ ଦାୟିତ୍ୱ ନେଇଛନ୍ତି ନୂଆ ମନ୍ତ୍ରୀମଣ୍ଡଳ। ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ବଣ୍ଟନ କରାଯାଇଥିବା ସେମାନେ ଦାୟିତ୍ୱଗ୍ରହଣ କରିସାରିଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଅଛନ୍ତି ଡାକ୍ତର ମୁକେଶ ମହାଲିଙ୍ଗ। ଦାୟିତ୍ୱଗ୍ରହଣ ପରେ ସୋମବାର ପ୍ରଥମକରି ବ୍ରହ୍ମପୁର ଗସ୍ତରେ ଆସୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମହାଲିଙ୍ଗଙ୍କ ଗସ୍ତକୁ ନେଇ ବ୍ରହ୍ମପୁର ସହରବାସୀଙ୍କ ସମେତ ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀ ସମସ୍ତେ ଉତ୍ସାହିତ ଓ ବେଶ ଆଶାବାଦୀ। ଦକ୍ଷିଣଓଡିଶାର ପ୍ରମୁଖ ସରକାରୀ ଚିକିତ୍ସାଳୟ ଏମକେସିଜି ମେଡିକାଲର ଓ ଏହାର ସାଟେଲାଇଟ ସେଣ୍ଟର ସିଟି ହସ୍ପିଟାଲର ଦୟନୀୟ ସ୍ଥିତି ଉପରେ ଗୁରୁତ୍ୱ ଦେଇ କିଛି ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ରଖାଯାଇଛି। ଏମକେସିଜି ମେଡିକାଲ କଲେଜର ୩୯ଟି ଶଯ୍ୟା ବିଶିଷ୍ଟ କର୍କଟରୋଗ ବିଭାଗ ଉପରେ ଦକ୍ଷିଣଓଡିଶା ସମେତ ପଡୋଶୀ ଆନ୍ଧ୍ର ସୀମାନ୍ତ ଅଞ୍ଚଳ ଲୋକେ ନିର୍ଭରଶୀଳ ଥିବାବେଳେ ଏଠାରେ ଦିର୍ଘବର୍ଷ ଧରି ଗୋଟିଏ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲି ପଡିଥିବା ବେଳେ ଅନ୍ୟଜଣେ ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ଚୈତାଳି ବୋଷ ୩ବର୍ଷରୁ ଉର୍ଦ୍ଧ୍ୱ କାଳଧରି ଛୁଟିରେ ଅଛନ୍ତି। ପ୍ରତ୍ୟେକ ଦିନ ଏହି ବିଭାଗକୁ ୪୦ରୁ ୫୦ଜଣ କର୍କଟ ରୋଗୀ ଚିକିତ୍ସା ନିମନ୍ତେ ଆସୁଥିବା ବେଳେ ମାତ୍ର କିଛି ଡାକ୍ତରଙ୍କୁ ନେଇ ଚାଲିଛି ଡାକ୍ତରଖାନାର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ। ବିଭାଗରେ ପ୍ରତ୍ୟହ ୧୩ରୁ ୧୫ଜଣ ରୋଗୀଙ୍କୁ କେମୋ ଦିଆଯାଉଥିବା ବେଳେ ୮ରୁ ୧୦ଜଣଙ୍କୁ ରେଡିଓଥେରାପି ଦିଆଯାଉଛି। ସେହିଭଳି ଡାକ୍ତରଖାନାର ଡାଏଲେସିସ, ଟ୍ରମାକେୟାର ସମେତ କାଜୁଆଲିଟିରେ ମଧ୍ୟ ରହିଛି



ବହୁ ସମସ୍ୟା। ଯାହାକୁ ନେଇ ନିୟମିତ ରୋଗୀ ଓ ସେମାନଙ୍କ ସମ୍ପର୍କିୟଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଡାକ୍ତରଖାନାର ବିଭିନ୍ନ ବିଭାଗରେ ଏପରିକି କାଜୁଆଲିଟିରେ ବରିଷ୍ଠ ଡାକ୍ତରମାନଙ୍କ ଅନୁପସ୍ଥିତ ଯୋଗୁଁ ପିଜି ଓ ହାଉସ ସର୍ଜନ ଡାକ୍ତରୀ ଛାତ୍ରଙ୍କ ଜରିଆରେ ରୋଗୀ ସେବା କରାଯାଉଥିବା ଦେଖିବାକୁ ମିଳୁଛି। ଏଭଳି କ୍ଷେତ୍ରରେ ରୋଗ ନିରୁପଣ କରିବା ସହ ସଠିକ ଚିକିତ୍ସା ପରାମର୍ଶ ମିଳିବାରେ ଅଭାବ ରହୁଛି। ଯାହାଫଳରେ ଅକାରଣେ ବହୁ ରୋଗୀ ମୃତ୍ୟୁମୁଖକୁ ଠେଲି ହୋଇଯାଉଥିବା ନଜିର ରହିଛି। ସେହିଭଳି କାଜୁଆଲଟିର ତଳ ମହଲାରେ ସର୍ଜରୀ ଓ ଅସ୍ଥିଶଲ୍ୟ ବିଭାଗ ଥିବା ବେଳେ ଉପର ମହଲାରେ ଭେଷଜ ବିଭାଗ ରହିଛି। ଯଦ୍ୱାରା ହୃଦରୋଗୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନାନ୍ତର କରିବାରେ ସମସ୍ୟା ଉପୁଜୁଛି। ଡାକ୍ତରଖାନାର ବିଭିନ୍ନ ବିଭାଗ ପୃଥକ ପୃଥକ ସ୍ଥାନରେ ଥିବା ବେଳେ

**ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦିଆଯିବ ସ୍ମାରକପତ୍ର**

ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ଯିବାରେ ମଧ୍ୟ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ସେହିଭଳି ସିଟି ହସ୍ପିଟାଲରେ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ଆସିୟୁ କାର୍ଯ୍ୟକ୍ଷମ ନହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେପଟେ ଗୁରୁତର ରୋଗୀଙ୍କୁ ଆଇସିୟୁର ଆବଶ୍ୟକତା ଥିବା ଦର୍ଶାଇ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମୌଖିକ ପରାମର୍ଶ ଦେଇ ନିଜ ଉପରୁ ଦୋଷ ଛଡାଇ ଦେଉଥିବା ଦେଖିବାକୁ ମିଳୁଛି। ରୋଗୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୮କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୬ମହଲା ବିଶିଷ୍ଟ ନୂତନ ଇନଡୋର କୋଠା ନିର୍ମାଣ କରିଛନ୍ତି। କୋଠାର ତଳମହଲାରେ ୬ଶଯ୍ୟା ବିଶିଷ୍ଟ ଆଇସିୟୁର ରହିଛି। ତେବେ ବିଭିନ୍ନ ଆଳ ଦେଖାଇ ଗତ ୨୦୨୩ ଜାନୁଆରୀ ମାସରୁ ୬ଶଯ୍ୟା ବିଶିଷ୍ଟ ଆଇସିୟୁକୁ କାର୍ଯ୍ୟକ୍ଷମ କରାଯାଇନାହିଁ। ଆଇସିୟୁ କାର୍ଯ୍ୟକ୍ଷମ କରିବାକୁ ୩ଟି ସିଫ୍ଟରେ ଉଭୟ ଡାକ୍ତର ଓ ନର୍ସିଂ ଅଫିସରଙ୍କ ଆବଶ୍ୟକତା ଥିବାବେଳେ କର୍ମଚାରୀଙ୍କ ଅଭାବ ରହିଥିବା ଜଣାପଡିଛି। ଉଭୟ ଡାକ୍ତରଖାନାରେ ବାର୍ଷିକ ପରିଚାଳନା ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ତାହାର ସଠିକ ଭାବେ ତଦାରଖ ହେଉନଥିବା ଜଣାପଡିଛି। ଯାହାଫଳରେ ସରକାରଙ୍କ କୋଟି କୋଟି ଟଙ୍କା ପାଣି ଭଳି ନିୟମିତ ଖର୍ଚ୍ଚ ହେଉଥିଲେ ହେଁ ତାହା ଲୋକଙ୍କ ସେବାରେ ଆସୁନଥିବା ଦେଖିବାକୁ ମିଳୁଛି। ଏମକେସିଜି ମେଡିକାଲରେ ଏକ ବର୍ଣ୍ଣ ୟୁନିଟ ଖୋଲିବାକୁ ଦିର୍ଘ ଦିନରୁ ଦାବି ହୋଇ ଆସୁଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ ସମ୍ଭବପର ହୋଇନାହିଁ। ଉଭୟ ସିଟି ଓ ଏମକେସିଜି ମେଡିକାଲର ଏଭଳି ଅନେକ ସମସ୍ୟାକୁ ନେଇ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରି ଆସିଥିବା ସ୍ଥାନୀୟ କିଛି ଗଣ ସଙ୍ଗଠନ ଯଥା ମାନବାଧିକାର ସୁରକ୍ଷା ମଞ୍ଚ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ, ଜନ ଜାଗରଣ ମଞ୍ଚ ଆଦି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତକାଳରେ ତାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।

## ଆଇସିଏସ୍‌ଇ ଜୋନାଲ୍‌ସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା

**ବ୍ରହ୍ମପୁର,୩୦।୬(ସମିସ):** ସ୍ଥାନୀୟ ଏସପିଅଫିସ ପରିସରରେ ଥିବା ବାସ୍କେଟବଲ ଖେଳପଡ଼ିଆରେ ଆଇସିଏସଇ ଜୋନାଲସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲ ପକ୍ଷରୁ ଆୟୋଜିତ ହୋଇଥିଲା। ସ୍କୁଲର କ୍ରୀଡା ଶିକ୍ଷକ ବିନାୟକ ହୋତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲା ବାସ୍କେଟ୍ ବଲ ସଂଘର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବରିଷ୍ଠ ପ୍ରଶିକ୍ଷକ କାଜଲ ସାହୁ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏଥିରେ ବ୍ରହ୍ମପୁର ଜୋନର ବିଭିନ୍ନ ବିଦ୍ୟାଳୟ ମୋଟ ୧୧୩ଜଣ ଖେଳାଳୀ ଅଂଶଗ୍ରହଣ ହୋଇଥିଲେ। ସେଥିମଧ୍ୟରୁ ୭୦ଜଣ ବାଳକ ଥିବା ବେଳେ ୪୩ଜଣ ବାଳିକା ଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବର୍ଗ ଯଥା ୧୪ବର୍ଷ, ୧୭ବର୍ଷ ଓ ୧୯ ବର୍ଷରୁ କମ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। ଚୟନ ବାଳକ ଖେଳାଳିମାନେ କଟକରେ ଏବଂ ବାଳିକା ଖେଳାଳୀମାନେ ଝାରସୁଗୁଡା ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତାରେ ଭାଗ ନେବେ। ଏହି ଖେଳାଳୀ ଚୟନ ପ୍ରକ୍ରିୟାରେ ୬ଜଣ ସ୍ଥାନୀୟ କୋଚ ଯୋଗ ଦେଇଥିବା ବେଳେ ବିଭିନ୍ନ ସ୍କୁଲର କ୍ରୀଡା ପ୍ରଶିକ୍ଷକ ଯଥା ସୁରେଶ ଚନ୍ଦ୍ର ପାଢ଼ୀ, ମିନତି ପଣ୍ଡା, ଚିତ୍ରା ସିଂଦେଓ ଓ ସଞ୍ଜୟ ଦାଶ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନର ଏଲ୍‌ଜିବିଟିକ୍ୟୁ ଦିବସ ପାଳନ

**ବ୍ରହ୍ମପୁର,୩୦।୬(ସମିସ):** ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ତରଫରୁ ବ୍ରହ୍ମପୁର ସହରରେ ଏଲଜିବିଟିକ୍ୟୁ (ଲେସବିଆନ ଗେ ବାଏସେକ୍ସୁଆଲ ଟ୍ରାନ୍ସଜେଣ୍ଡର ଆଣ୍ଡ କ୍ୟୁଇର) ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ କିନ୍ନର ମିନୁ ଏବଂ ସହ ସଖୀ ଫାଉଣ୍ଡେସନର ସେକ୍ରେଟାରୀ ମନୋଜ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମେ ରାମଲିଙ୍ଗମ୍ ପାର୍କଠାରେ ସମସ୍ତ କିନ୍ନରଙ୍କୁ ସମ୍ମାନିତ କରାଯାଇଥିଲା। କିନ୍ନରଙ୍କ ସମାଜରେ କଣ ମହତ୍ତ୍ୱ ରହିଛି ତା ବିଷୟରେ ଆଲୋଚନା କରାଯାଇଥିଲା। ଏହା ପରେ ରାମଲିଙ୍ଗମ୍ ପାର୍କ ଠାରୁ ଖଲ୍ଲିକୋଟ ମହାବିଦ୍ୟାଳୟର ପଡିଆ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ଏହା ପରେ ଖଲ୍ଲିକୋଟ ମହାବିଦ୍ୟାଳୟର ପଡ଼ିଆଠାରେ କେକ୍ ବଣ୍ଟନ କରାଯାଇଥିଲା। ଏଥିରେ ସାତ୍ତ୍ୱିକ ସୋଲ ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ଭାରତ ଗୌରବ ଦାଶଙ୍କ ସହ ସୁନୀତା ନାୟକ, ଶିବାନୀ ପାଢ଼ୀ, ଅଚ୍ୟୁତ ନାଇକ, ଲକ୍ଷ୍ମୀ ମହାରଣା, ବର୍ଷାରାଣୀ ପାତ୍ର, ଅଖିଲ୍, କଷିଶ, ରୁଦ୍ର ଯୋଗଦେଇ ପରିଚାଳନା କରିଥିଲେ।

**■ ସଡ଼କ ଦୁର୍ଘଟଣାର ସମୀକ୍ଷା**

## ୫ ମାସରେ ୬୭ ମୃତ, ଅଧିକାଂଶ ଯୁବକ

**ଫୁଲବାଣୀ,୩୦।୬(ସମିସ):** କନ୍ଧମାଳ ଜିଲ୍ଲାରେ ସଡ଼କ ଦୁର୍ଘଟଣାର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ। ଏ ଅବସରରେ ବିଭିନ୍ନ ଦୁର୍ଘଟଣାରେ ଆହତଙ୍କୁ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଛି । ସମୀକ୍ଷା ବୈଠକର ତଥ୍ୟ ଅନୁଯାୟୀ, କନ୍ଧମାଳ ଜିଲ୍ଲାରେ ବିଗତ ୫ ମାସରେ ଦୁର୍ଘଟଣା ଓ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇଛି । ଏହି ସମୟ ମଧ୍ୟରେ ଜିଲ୍ଲାରେ ୧୦୨ ସଡ଼କ ଦୁର୍ଘଟଣା ଘଟି ୬୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨୭ ଜଣ ଗୁରୁତର ହୋଇଛନ୍ତି। କେବଳ ମେ ମାସରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୧ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ଓ ଆହତଙ୍କ ମଧ୍ୟରେ ମୁଖ୍ୟତଃ ଯୁବକ ରହୁଥିବାରୁ ଚିନ୍ତା ପ୍ରକଟ କରାଯାଇଛି। ଜିଲ୍ଲାପାଳ ଶ୍ରୀ ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକରେ ଏ ନେଇ ସମୀକ୍ଷା କରାଯାଇଛି। ଆଗକୁ ଗାଡ଼ି ମଟର ଯାଞ୍ଚକୁ ଅଧିକ ତ୍ୱରାନ୍ୱିତ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆରଟିଓ ଶିଶିର ସାହୁ, ସିଡିଏମଓ ଡ଼ା ମନୋଜ ଉପାଧ୍ୟାୟ, ଜାତୀୟ ରାଜପଥ ଅଧିକାରୀ, ପୌର ପାଳିକା, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୁଲିସ ଅଧିକାରୀ, ଅନ୍ୟ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ଏ ଅବସରରେ ଦୁର୍ଘଟଣାରେ ସାହାଯ୍ୟ କରିଥିବା ୪ ଜଣ ଗୁଡ୍ ସମାରିଟାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଜି.ଉଦୟଗିରି,୩୦।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଭେଙ୍କଟ ରମଣ ପଟ୍ଟନାୟକ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ଏହି ମହାବିଦ୍ୟାଳୟରେ ଶିକ୍ଷା ଦାନ କରି ଆସୁଥିଲେ। ସେ ଜଣେ ଆଦର୍ଶ, ନିଷ୍ଠାପର, ଦାୟିତ୍ୱ ସମ୍ପନ୍ନ ଓ ମିଷ୍ଟଭାଷୀ ପ୍ରାଧ୍ୟାପକ ଭାବେ ପରିଚିତ ହୋଇଥିବା ବେଳେ ଅନୁଷ୍ଠାନ ପ୍ରତି ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଉପସ୍ଥିତ ଥିଲେ।

**■ ଗୋପାଳପୁର-ସମ୍ବଲପୁର ରେଳପଥ**

## କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକ

**ଭଞ୍ଜନଗର,୩୦।୬(ସମିସ):** କେନ୍ଦ୍ରରେ ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଆସିବା ପରେ ଗୋପାଳପୁର-ସମ୍ବଲପୁର ରେଳ ପଥ ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳପଥ ପାଇଁ ୨୦୨୧ରୁ ବଜେଟରେ ମଞ୍ଜୁର ମିଳିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ଅନୁଦାନ ମିଳି ପାରିନାହିଁ। ତେଣୁ ଆଗାମୀ ବଜେଟରେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ଅନୁଦାନ ନେଇ ଘୋଷଣା କରିବା ସହ ରାଜ୍ୟ ସରକାର ଜମି ଅଧିଗ୍ରହଣ ଦିଗରେ କାର୍ଯ୍ୟ ଆରମ୍ଭ କରିବାକୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ରବିବାର ଏନେଇ ଭଞ୍ଜନଗର କୋର୍ଟ ପରିସରରେ ଥିବା ସୁବର୍ଣ୍ଣ ଜୟନ୍ତୀ ପାଠାଗାର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓକିଲ



ସଂଘ ସଭାପତି ତଥା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଶୈଳେନ୍ଦ୍ର ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ରେଳପଥ ନେଇ ପ୍ରାଥମିକ ସ୍ତରରେ ଫୁଲବାଣୀ ସହର ଦେଇ ଯିବା ନେଇ ସର୍ଭେରେ ଦର୍ଶାଯାଇଥିବା ବେଳେ ପରବର୍ତ୍ତି ସମୟରେ ସଂସ୍ଥା ପକ୍ଷରୁ ଚୁଡାନ୍ତ ସର୍ଭେ ସମୟରେ ଏହାର ସାମାନ୍ୟ ପରିବର୍ତ୍ତନ କରି ବଦାଙ୍ଗୀରୁ ଚକାପାଦ ଦେଇ ଅନ୍ୟ ଏକ ଲାଇନ ସହ ସଂଯୋଗ କରିବା ଯୋଜନା ହୋଇଥିଲା। ତେବେ ଫୁଲବାଣୀବାସୀ ଏହାକୁ ବିରୋଧ କରିବାରୁ କେନ୍ଦ୍ର ପକ୍ଷରୁ ଏହାକୁ ପରିବର୍ତ୍ତନ କରିବା ନେଇ ରେଳମନ୍ତ୍ରଣାଳୟ ନିଷ୍ପତ୍ତି ନେବା ସହ ଫୁଲବାଣୀ ସହର ଦେଇ ପ୍ରକଳ୍ପ ଯିବା ନେଇ ରେଳମନ୍ତ୍ରୀ ଘୋଷଣା କରିବା ସହ ସର୍ଭେ ରିପୋର୍ଟ ପ୍ରଦାନ କରିବାକୁ କହିଥିବା ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀ ବି.ଶଙ୍କର ପାତ୍ର ପ୍ରକାଶ କରିଥିଲେ। ଏଥିସହ ପୂର୍ବତନ ଓକିଲ ସଂଘ ସଭାପତି ଅଭିମନ୍ୟୁ ଗୌଡ଼, ବରିଷ୍ଠ ଆଇନଜୀବୀ ସୋମାନାଥ ନାୟକ, ଦଣ୍ଡପାଣି ସ୍ୱାଇଁ, ଆସିକାର ଶୁବ୍ରମନ୍ୟମ୍ ରାଓ, ସନ୍ତୋଷ ନାୟକ, ଦଣ୍ଡପାଣି ସ୍ୱାଇଁ, ଡ.ସୁଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଏହି ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ରହିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ କାର୍ଯ୍ୟାରମ୍ଭ କରିବା ଉପରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ଜନପ୍ରତିନିଧିଙ୍କୁ ଭେଟିବା ସହ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବି ଉପସ୍ଥାପନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସମ୍ପାଦକ ରାଜେନ୍ଦ୍ର ପ୍ରଧାନ ପ୍ରକାଶ କରିଥିଲେ। ଏଥି ନିମନ୍ତେ ୨.୯୭୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ବଜେଟରେ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହେଇଥିବା ବେଳେ ଆଗାମୀ ବଜେଟରେ ପୂର୍ଣ୍ଣ ଅନୁଦାନ ଦାବି ଉଠିଛି।

## ଜିଲ୍ଲା ଲେଖକ ସାମ୍ମୁଖ୍ୟର ମାସାନ୍ତ ସୃଜନ ସାହିତ୍ୟ ଆସର

**ଫୁଲବାଣୀ,୩୦।୬(ସମିସ):** କନ୍ଧମାଳ ଜିଲ୍ଲାର ସାହିତ୍ୟ ଅନୁଷ୍ଠାନ ଫୁଲବାଣୀ ଜିଲ୍ଲା ଲେଖକ ସାମ୍ମୁଖ୍ୟ ମାସାନ୍ତ ସୃଜନ ସାହିତ୍ୟ ଆସର ଗୋଛାପଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାମ୍ମୁଖ୍ୟ ସଭାପତି ରବୀନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାହିତ୍ୟ ଆଲୋଚନା ଓ କବିତା ପାଠ କାର୍ଯ୍ୟକ୍ରମରେ ସମ୍ପାଦକ ବନବିହାରୀ ନନ୍ଦ ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋଛାପଡାର ବିଶିଷ୍ଟ ସାହିତ୍ୟିକ ଶେଖ କୁରେଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ବିଶିଷ୍ଟ ସାହିତ୍ୟିକ ଡା.ନିରଦ ଚନ୍ଦ୍ର କହଁର ଓ ଉକ୍ତ



ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କନ୍ଧମାଳର ସାରସ୍ୱତ ପ୍ରତିଭା ତଥା ବରିଷ୍ଠ କବି ବିଦେଶୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟକୁ ଭଲ ପାଇବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର, ଅଧ୍ୟାପିକା ହରପ୍ରିୟା ମିଶ୍ର ଓ କବି ବି କେ କମଳଙ୍କ ସଂଯୋଜନାରେ ପ୍ରାୟ ପଚାଶରୁ ଅଧିକ କବି ନିଜର ସାରଚିତ କବିତା ଆବୃତ୍ତି କରିଥିଲେ । ସାମ୍ମୁଖ୍ୟର ସହ ସମ୍ପାଦକ କୈଳାଶ ଚନ୍ଦ୍ର ଧଳ ମଞ୍ଚ ସଞ୍ଚାଳନ କରିଥିଲା ବେଳେ ସଙ୍ଗଠନ ସମ୍ପାଦକ ପ୍ରସନ୍ନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କବିତା ଆସରରେ ଗୋଛାପଡା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜର ସ୍ୱରଚିତ କବିତା ପାଠ କରିଥିଲା ବେଳେ ବର୍ଷିୟାନ କବି ଦୁର୍ଯ୍ୟୋଧନ ପ୍ରଧାନ, ସୋମନାଥ ସାହୁ, ଲିଙ୍ଗରାଜ ହୋତା, ମୋହନ ଦିଗାଲ, ନାଭିଦତ୍ୟ ଦିଗାଲ, ଲକ୍ଷ୍ମଣ ରଣା, କେମ ଦିଗାଲ, ସାରସ୍ୱତ କହଁର, ଅର୍ଜୁନ କହଁର, ନିରୁପମା ମଣ୍ଡଳ, ପୁଷ୍ପାଞ୍ଜଳି ଦିଗାଲ, ବନିତା ପଟ୍ଟନାୟକ, ଉତ୍ପଳ କୁମାର ସାହୁ, ଗୋକୁଳାନନ୍ଦ କହଁର , ରାଜପତି କହଁର, କୃଷ୍ଣଚନ୍ଦ୍ର ମହାକୁଡ଼, ସତ୍ୟବ୍ରତ ଦିଗାଲ ଓ ପ୍ରିୟବ୍ରତ ବେହେରା ପ୍ରମୁଖ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ମାଆକୁ ଆକ୍ରମଣ କରି ପୁଅ ଗିରଫ

**ବ୍ରହ୍ମପୁର,୩୦।୬ (ସମିସ):** ନିଜ ମାଆକୁ ଆକ୍ରମଣ କରିବା ଅଭିଯୋଗରେ ଜଣେ ପୁଅକୁ ଗିରଫ କରିଛି ନିମଖଣ୍ଡି ଥାନା ପୁଲିସ। ଅଭିଯୁକ୍ତ ଜଣଙ୍କ ହେଲେ ଗୁରୁଣ୍ଡି ତେଲିସାହିର ସଂଗ୍ରାମ ନାହାକ(୨୯)। ସୂଚନାପ୍ରକାରେ, ଗୁରୁଣ୍ଡି ତେଲିସାହିରେ ଅଭିଯୁକ୍ତ ସଂଗ୍ରାମ ଓ ତାଙ୍କ ପରିବାର ସହ ମାଆ ମଧ୍ୟ ରହୁଛନ୍ତି। ୨ ଦିନ ତଳେ କୌଣସି କାରଣକୁ ନେଇ ସଂଗ୍ରାମ ତାଙ୍କ ମାଆ ପ୍ରମିଳା ନାହାକ(୬୦)ଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ପ୍ରମିଳାଙ୍କ ଝିଅ ଭାରତୀ ନାୟକ ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଅଭିଯୁକ୍ତ ସଂଗ୍ରାମଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଛି।

## ସ୍ୱତନ୍ତ୍ର ମହିଳା ଗ୍ରାମସଭା

**ମୋହନା,୩୦।୬(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ଅଡବା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ମହିଳା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରମଜୀବୀ ଏକତା ଅଭିଯାନ, ଓଡ଼ିଶା ଶ୍ରମଜୀବୀ ଏକତା ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭାରେ ମୁଖ୍ୟଅତିଥି ଭାବେ ଅଡବା ସରପଞ୍ଚ କେଶନି ଗମାଙ୍ଗ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗିରିଧାରୀ ପାଢ଼ୀ, ସିଆରସିସି ବସନ୍ତ ପାତ୍ର, ଅଙ୍ଗନବାଡ଼ି ସୁପରଭାଇଜର ଦମୟନ୍ତୀ ବେହେରା ଓ ବିପଦର ବନ୍ଧୁ ଟ୍ରଷ୍ଟର ସ୍ୱେଚ୍ଛାସେବୀ ଜଗନ୍ନାଥ ଦାସ ଯୋଗ ଦେଇଥିଲେ । ବ୍ଲକ ସଂଯୋଜକ ସୁଶାନ୍ତ ପଟ୍ଟନାୟକ ଏହାକୁ ପରିଚାଳନା କରିଥିବା ବେଳେ ଆଶିଷ ବେହେରା ସ୍ୱତନ୍ତ୍ର ଗ୍ରାମସଭାର ମହତ୍ତ୍ୱ ଉପରେ କହିଥିଲେ ।

## ବିଇଡି କଲେଜରେ ଜାତୀୟସ୍ତରୀୟ ଆଲୋଚନାଚକ୍ର



**ଭଞ୍ଜନଗର,୩୦।୬(ସମିସ):** କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ପ୍ରଥମ ଦିନ ଜାତୀୟସ୍ତରୀୟ ଆଲୋଚନାଚକ୍ର "ରୂପାନ୍ତରିତ ଭାରତ ପାଇଁ ଭାରତୀୟ ଜ୍ଞାନ ପରମ୍ପରା ଯୁକ୍ତ ଉଚ୍ଚ ଶିକ୍ଷା' ଶୀର୍ଷକ ଆଲୋଚନା ଆୟୋଜିତ ହୋଇଛି। କଲେଜ ଅଧ୍ୟକ୍ଷ ଡ଼. ବିମଳ କୁମାର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଭାରତର ବିଭିନ୍ନ ରାଜ୍ୟରୁ ଉପସ୍ଥାପକ, ଗବେଷକ ଓ ପ୍ରାଧ୍ୟାପକ ମାନେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଆଞ୍ଚଳିକ ଶିକ୍ଷା କେନ୍ଦ୍ର,ଭୁବନେଶ୍ୱର, ମୁଖ୍ୟ ଅତିଥି ଭାବରେ ପ୍ରଫେସର କେ.ସି ସାହୁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତି ନିକେତନ, ପଶ୍ଚିମବଙ୍ଗ, ସମ୍ମାନିତ ଅତିଥି ଭାବରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ବରିଷ୍ଠ କ୍ଷେତ୍ର ନିର୍ଦ୍ଦେଶକ ପ୍ରଫେସର ସୁରେଶ କୁମାର ତ୍ରିପାଠୀ, କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍. ଏସ୍. ସ୍ୱାଇଁ ଏବଂ ସର୍ବ ଭାରତୀୟ ଶିକ୍ଷା ସମାଜ ଭୁବନେଶ୍ୱରର ସଭାପତି ପ୍ରଫେସର ୱାଇ . ଖଟୁଆ ଯୋଗଦେଇଥିଲେ। ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିମଳ ଚରଣ ସ୍ୱାଇଁ ଏହି ଆଲୋଚନାଚକ୍ରର ନେତୃତ୍ୱ ନେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଦିନର ପେନାଲିଷ୍ଟ ଭାବରେ ରାଧାନାଥ ଉଚ୍ଚତର ଶିକ୍ଷା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାନ ର ପ୍ରଫେସର ରାଜଲକ୍ଷ୍ମୀ ଦାସ, ଡି.ଏ .ଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ସେଠୀ ଓ ନନ୍ଦଲାଲ ଘୋଷ ବି.ଟି. କଲେଜ, ପଶ୍ଚିମବଙ୍ଗର ଅଧ୍ୟକ୍ଷ ଡ. କଲ୍ୟାଣୀ ସାହୁ ଯୋଗ ଦେଇଥିଲେ। ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟ ତଥା ଜାତୀୟସ୍ତରର ସର୍ବମୋଟ ୬୦ ପେପର ଉପସ୍ଥାପିତ ହୋଇଥିଲା। ସହକାରୀ ପ୍ରଫେସର ଶ୍ରୀଯୁକ୍ତ କେ.ପ୍ରକାଶ ରେଡ୍ଡୀ ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ସହାୟତା ପ୍ରଦାନ କରିଥିବା ବେଳେ ଡ. ସତ୍ୟବାଦୀ ମାର୍ଥା ଆଲୋଚନାଚକ୍ରର ମୁଖ୍ୟ ଆୟୋଜକ ଥିଲେ। ସହକାରୀ ପ୍ରଫେସର ଡ. ଦିଲ୍ଲିପ କୁମାର ଖୁଣ୍ଟିଆ ମଞ୍ଚ ପରିଚାଳନା ଓ ଡ. ପ୍ରମୋଦ କୁମାର ଦାସ ସମୀକ୍ଷା ଦାୟିତ୍ୱ ତୁଲାଇଥିଲେ। ସହକାରୀ ପ୍ରଫେସର ଅମିତ୍ ମିଶାଲ୍, ସସ୍ମିତା ବେହେରା, ପ୍ରଦୀପ କୁମାର ନାୟକ, ଡ .ରଞ୍ଜନ କୁମାର ନାୟକ, ପ୍ରକାଶ କୁମାର ସାହୁ, ଶ୍ରୀହର୍ଷ ବାଲା, ଡେମୋନଷ୍ଟ୍ରେଟର ଲକ୍ଷ୍ମୀଧର ଗୌଡ଼, ସେକ୍ସନ ଅଫିସର ଜ୍ୟୋତ୍ସ୍ନା କର ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତଙ୍କର ଉପସ୍ଥିତିରେ ଆଲୋଚନାଚକ୍ରର ପ୍ରଥମ ଦିବସ ସଫଳତା ପୂର୍ବକ ସମ୍ପାଦନ ହୋଇଛି।

**ବ୍ରହ୍ମପୁର ପୁଲିସ ଜିଲ୍ଲା ହାବିଲଦାର-କନେଷ୍ଟବଲ ସଂଘ ନିର୍ବାଚନ**

# ପ୍ରଥମ ଦିନରେ ନାମାଙ୍କନ ଭରିଲେ ୨୨ ପ୍ରାର୍ଥୀ

**ବ୍ରହ୍ମପୁର,୩୦।୬(ସମିସ):** ଜୁଲାଇ ୨୫ତାରିଖରେ ହେବାକୁ ଥିବା ବ୍ରହ୍ମପୁର ପୁଲିସ ଜିଲ୍ଲାର ହାବିଲଦାର-କନଷ୍ଟେବଲ ସଂଘର ନିର୍ବାଚନ ପାଇଁ ରବିବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ସଂଘର ପ୍ରାୟ ୨୨ଜଣ ପ୍ରାର୍ଥୀ ବିଭିନ୍ନ ପଦପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ





**■ ଜୁଲାଇ ୨୫ରେ ଭୋଟଗ୍ରହଣ**

**■ ଥାନା ଓ ଫାଣ୍ଡି ବୁଲି ପ୍ରଚାରକୁ ଜୋରଦାର କରିବେ ପ୍ରାର୍ଥୀ**

କରିଛନ୍ତି। ଗୋଟିଏ ଗୋଷ୍ଠିର ସଭାପତି ପଦବୀ ପାଇଁ ନୟନ ରଞ୍ଜନ ଆଚାର୍ଯ୍ୟ, ଉପସଭାପତି ଶ୍ରୀକାନ୍ତ ପଣ୍ଡା, ସମ୍ପାଦକ ପ୍ରଶାନ୍ତ କୁମାର ମହାର୍ଥା, ସହ ସମ୍ପାଦକ-୧ ଘନଶ୍ୟାମ ବେହେରା, ସହ ସମ୍ପାଦକ-୨ କୁନାଲ ମଲ୍ଲିକ, କୋଷାଧ୍ୟକ୍ଷ ଏ. ଶ୍ରୀନିବାସ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ସୁନନ୍ଦ ପଣ୍ଡା, ଶରତ ଚନ୍ଦ୍ର ପ୍ରଧାନ, ମାମା ମହାନ୍ତି, ଉତ୍ସବ ପାଣିଗ୍ରାହୀ ଓ ବାସୁମତି ଭୂୟାଁ। ସେହିଭଳି ବିପକ୍ଷ ଗୋଷ୍ଠିର ସଭାପତି ପଦ ପାଇଁ ସଭାପତି କାଳୀଚରଣ ଷଡ଼ଙ୍ଗୀ, ଉପସଭାପତି କାହ୍ନା ଡାକୁଆ, ସମ୍ପାଦକ କେ.ଶ୍ରୀନିବାସ ପାତ୍ର, ସହ ସମ୍ପାଦକ-୧ ହର ମହାକୁଡ଼, ସହ ସମ୍ପାଦକ-୨ ଚନ୍ଦନ ବେହେରା, କୋଷାଧ୍ୟକ୍ଷ ମଙ୍ଗୁଲୁ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଆର. ସୂରୟା ରାଓ, ବିଭୁ ମିଶ୍ର, ସଦାଶିବ ପାତ୍ର, ରଞ୍ଜିତ ଭୂୟାଁ ଓ ଟୁକୁନା ବେହେରା ନିଜନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସଭାପତି ପ୍ରାର୍ଥୀ ନୟନ ରଞ୍ଜନ ଆଚାର୍ଯ୍ୟ ଏବଂ ତାଙ୍କ ଚେନର ପ୍ରାର୍ଥୀମାନେ ଆମ୍ବପୁଆ ସ୍ଥିତ ବାବା ଶ୍ରୀ ଅମରେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା କରି ବିରାଟ ପଟୁଆରରେ ବାହାରି ଡିପିଓ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ। ସେହିଭଳି ବିପକ୍ଷ ଗୋଷ୍ଠିର ସଭାପତି ପ୍ରାର୍ଥୀ କାଳିଚରଣ ଷଡ଼ଙ୍ଗିଙ୍କ ସମେତ ତାଙ୍କ ଚେନର ପ୍ରାର୍ଥୀମାନେ ସ୍ଥାନୀୟ ହିଲପାଟଣା ଗଣେଶ ମନ୍ଦିରରୁ ପଟୁଆରରେ ବାହାରି ନାମାଙ୍କନ ଦାଖଲ କରିଥିଲେ। ରିଟର୍ଣ୍ଣି ଅଫିସର ତଥା ନିର୍ବାଚନ ପରିଚାଳନା ପାଇଁ ପିସିଆର ସେଲର ଡିଏସପି ବିଶ୍ୱଜ ରାଉତରାୟଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ ହୋଇଥିଲା। ଜୁଲାଇ ୧ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ରହିଛି। ବ୍ରହ୍ମପୁର ହାବିଲଦାର ଓ କନେଷ୍ଟବଲ ସଂଘର ପୂର୍ବତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ମେ ମାସ ୮ତାରିଖରେ ସରିଯାଇଛି। ତେବେ ସାଧାରଣ ନିର୍ବାଚନ ଯୋଗୁଁ ୨୦୨୪ବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବଚନ ବିଳମ୍ବ ହୋଇଛି। ବର୍ତ୍ତମାନ ସଂଘର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ବିଭିନ୍ନ ପଦପଦବୀରେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜୁଲାଇ ୨ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ୩ ତାରିଖରେ ନାମାଙ୍କନ ପ୍ରତ୍ୟାହାର ଏବଂ ୪ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜୁଲାଇ ୨୪ତାରିଖରେ ମୁଁ କାହିଁକି ପ୍ରାର୍ଥୀ ହୋଇଛି ବୈଠକ ସହ ସେହିଦିନ ବାଲେଟ ପେପର ବିଭିନ୍ନ ଭୋଟ କେନ୍ଦ୍ରକୁ ପଠାଯିବ। ୨୫ତାରିଖରେ ଭୋଟଗ୍ରହଣ କରାଯିବ। ୨୬ତାରିଖରେ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ୨୮ତାରିଖରେ ନିର୍ବାଚିତ ପ୍ରାର୍ଥୀମାନେ ଶପଥଗ୍ରହଣ କରିବେ। ଏହି ନିର୍ବାଚନ ପରିଚାଳନା ପାଇଁ ପିସିଆର ସେଲର ଡିଏସପି ବିଶ୍ୱଜ ରାଉତରାୟଙ୍କୁ ରିଟର୍ଣ୍ଣି ଅଫିସର, ରିଜର୍ଭ ଇନ୍ସପେକ୍ଟର ଏମ. ଲକ୍ଷ୍ମୀରଞ୍ଜନଙ୍କୁ ପ୍ରିଜାଇଡିଂ ଅଫିସର ଓ ଏସଆଇ ପିକେ ଦାସଙ୍କୁ ପୋଲିଂ ଅଫିସରଭାବେ ନିଯୁକ୍ତ କରାଯାଇଛି। ଏହାସହ ୮ ଜଣ ପୁଲିସ ଅଫିସରଙ୍କୁ କାଉଣ୍ଟିଂ ଅଫିସର ଭାବେ ନିଯୁକ୍ତ କରାଯାଇଛି। ନୟନ ଓ କାଳୀଙ୍କ ଟିମ ମଧ୍ୟରେ ଚଳିତ ଥର କଡ଼ା ଟକ୍କର ହେବ ବୋଲି ଜଣାପଡ଼ିଛି। ସୋମବାର ଠାରୁ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ସମସ୍ତ ଥାନା ଓ ଫାଣ୍ଡି ସହିତ ଭୋଟରଙ୍କୁ ନିଜ ସପକ୍ଷରେ ମନାଇବା ସକାଶେ ବୁଲି ବୁଲି ପ୍ରଚାରକୁ ଜୋରଦାର କରିବେ।

